ଧରିତ୍ରୀ
DHARITRI
October 3-9, 2021 ₹ 2/-

# ଛୁଟିଦିନ



# ଶିଖର ଛୁଇଁବାର ଇଚ୍ଛା

୩
ପ୍ରଚ୍ଛଦ ପ୍ରସଙ୍ଗ

ଏହି ଦୁଃସାହସିକ କ୍ରୀଡ଼ା ଅଭିଯାନର ପାଦେ ପାଦେ ରହିଥାଏ ବିପଦର ଆଶଙ୍କା। ତଥାପି ପର୍ବତ ଶିଖର ଛୁଇଁବାର ନିଶା ପାଇଁ ଅନେକ ସାମିଲ ହୋଇଥାନ୍ତି ଏହି ଅଭିଯାନରେ...



୧୩
ସହରଠୁ ଦୂର

## ଲୁଣ ବି ବଦଳାଇ ଦେବ ଭାଗ୍ୟ

ଲୁଣ କେବଳ ରୋଷେଇରେ ବ୍ୟବହୃତ ହୁଏ ତାହା ନୁହେଁ। ଘରେ ସୁଖ-ସମୃଦ୍ଧି ବୃଦ୍ଧି ପାଇଁ ହେଉ ଅବା ଶରୀରର ଥକାପଣକୁ ଦୂର କରିବା ହେଉ, ଲୁଣର ଅନେକ ଭୂମିକା ରହିଥାଏ ବୋଲି ବାସ୍ତୁଶାସ୍ତ୍ରରେ ଉଲ୍ଲେଖ ରହିଛି। ଯେମିତିକି:

*ଲୁଣ ପାଣିରେ ଘର ପୋଛିଲେ ନକାରାତ୍ମକ ଉର୍ଜା ନଷ୍ଟ ହୋଇ ଘରେ ଶାନ୍ତି ବୃଦ୍ଧି ପାଇଥାଏ ବୋଲି ଲୋକବିଶ୍ୱାସ ରହିଛି।

*ସେହିପରି ଏହା ଖରାପ ନଜରରୁ ମଧ୍ୟ ବ୍ୟକ୍ତିଙ୍କୁ ସୁରକ୍ଷା ଦେଇଥାଏ। କୌଣସି ବ୍ୟକ୍ତି ବା ପିଲାଙ୍କୁ କାହାର ଖରାପ ନଜର ଲାଗିଥିଲେ, କିଛି ଲୁଣକୁ ନେଇ



ଉକ୍ତ ବ୍ୟକ୍ତି ବା ପିଲାଙ୍କ ଚାରିପଟେ ତିନିଥର ବୁଲାଇ ତାହାକୁ ବାହାରେ ଫୋପାଡିଦେଲେ ଏହି ସମସ୍ୟାରୁ ମୁକ୍ତି ମିଳିଥାଏ ବୋଲି ବାସ୍ତୁଶାସ୍ତ୍ରରେ ଉଲ୍ଲେଖ ଅଛି।

*ରାତିରେ ଶୋଇବା ପୂର୍ବରୁ ପାଣିରେ କିଛି ଲୁଣ ମିଶାଇ ହାତପାଦ ଧୋଇଦେଲେ ଥକାପଣ ଦୂର ହେବା ସହ ନିଦ ଭଲ ହୋଇଥାଏ ବୋଲି ମାନ୍ୟତା ରହିଛି। ସେହିପରି ଘରେ କୌଣସି ବ୍ୟକ୍ତି ବହୁତ ଦିନ ରୋଗରେ ପଡିଥିଲେ, କାଚ ବୋତଲରେ ଲୁଣ ଭର୍ତ୍ତି କରି ତାଙ୍କ ଶେଯ ପାଖରେ ରଖି ସପ୍ତାହକୁ ସପ୍ତାହ ତାହାକୁ ବଦଳାଉଥିଲେ ଧୀରେ ଧୀରେ ରୋଗରୁ ଉପଶମ ମିଳିଥାଏ ବୋଲି ବାସ୍ତୁଶାସ୍ତ୍ରରେ କୁହାଯାଇଛି।

*ଅନେକ ସମୟରେ ଦେଖାଯାଏ, କିଛି ବାସ୍ତୁଦୋଷ ଥିଲେ ଘରେ ସର୍ବଦା କଳହ ଲାଗିବା ସହ ଅଭାବ ଦେଖା ଦେଇଥାଏ। ଏପରି ସ୍ଥଳେ କାଚ ଗିନାରେ କିଛି ଲୁଣ ନେଇ ଘରର ଗୋଟିଏ କୋଣରେ ରଖିଦେଲେ ବାସ୍ତୁଦୋଷ ଆପେ ଆପେ ସମାଧାନ ହୋଇଯାଏ ବୋଲି ବିଶ୍ୱାସ ରହିଛି।

## ଏ ସପ୍ତାହର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର

ଅକ୍ଟୋବର ୩-୯

### ମେଷ



ବନ୍ଧୁଙ୍କ ସହ ମତଭେଦ, କର୍ମକ୍ଳାନ୍ତ ଶରୀର କଷ୍ଟ, କାର୍ଯ୍ୟହାନୀରୁ ବ୍ୟସ୍ତତା, ଅର୍ଥସଂକଟର ଦୁଃଶ୍ଚିନ୍ତା, ହିତୈଷୀଙ୍କ ସହାନୁଭୂତି, ଧର୍ମକାର୍ଯ୍ୟରେ ରୁଚି, ନୂତନଯୋଜନାରେ ଆଗ୍ରହ, ପରିବାର ସହଯୋଗ, ବ୍ୟବସାୟିକ ଉନ୍ନତି ॥

### ବୃଷ


ସମସ୍ୟାର ସମାଧାନ, ଦାୟିତ୍ୱ ବଢିବ, ପାରିବାରିକ ମତାନ୍ତର, ସହକର୍ମୀଙ୍କ ପରାମର୍ଶ, ନୂତନ ବନ୍ଧୁତ୍ୱ, ସନ୍ତାନଙ୍କ କୃତିତ୍ୱ, ପରିବହନରେ ଉନ୍ନତି, ଯାତ୍ରାରେ ସଫଳତା, ମକଦ୍ଦମାରେ ବିଜୟପ୍ରାପ୍ତି ॥

### ମିଥୁନ



ପ୍ରଶଂସିତ ହେବେ, ପାରିବାରିକ ବିଶୃଙ୍ଖଳା, ଯାତ୍ରାରେ ପ୍ରତିବନ୍ଧକ, ବ୍ୟବସାୟରେ ପ୍ରତିଦ୍ୱନ୍ଦ୍ୱିତା, ଧର୍ମାନୁଷ୍ଠାନରେ ନେତୃତ୍ୱ, ଆର୍ଥିକ ଦୁରବସ୍ଥା, ବନ୍ଧୁଙ୍କ ପ୍ରତାରଣା, ବିଳମ୍ବରୁ କାର୍ଯ୍ୟହାନୀ, ଶାରୀରିକ ସୁସ୍ଥତା ॥

### କର୍କଟ


ସମସ୍ୟାବହୁଳ କର୍ମକ୍ଷେତ୍ର, ସହକର୍ମୀଙ୍କ ଅଭିଯୋଗ, ଋଣଦାତାଙ୍କ କଟୁକ୍ତି, ଜଞ୍ଜାଳ ବଢିଯିବ, ଶୁଭଖବର ପାଇବେ, ଦୂରସ୍ଥାନକୁ ଯାତ୍ରା, ଶାରିରୀକ ସୁସ୍ଥତା, ପ୍ରତିଯୋଗିତାରେ ସଫଳତା, ଅର୍ଥ ସଙ୍କଟ ଟଳିଯିବ।

### ସିଂହ


ଆନୁଷ୍ଠାନିକ ତତ୍ପରତା, ବନ୍ଧୁଙ୍କ ସହଯୋଗ, ସାମାଜିକ ସମ୍ମାନ, ବ୍ୟୟବୃଦ୍ଧିରୁ ମନସ୍ତାପ, ସମାଲୋଚିତ ହୋଇପାରନ୍ତି, ପରିସ୍ଥିତିର ମୁକାବିଲା, ଭ୍ରମଣ ଓ କାର୍ଯ୍ୟସିଦ୍ଧି, କଳା, ସଂସ୍କୃତିରୁ ପ୍ରଶଂସା ॥

### କନ୍ୟା



ନୂତନ ଯୋଜନାରମ୍ଭ, କାର୍ଯ୍ୟସିଦ୍ଧି, ଯାତ୍ରାରେ କୁଶଳ, ଆରୋଗ୍ୟଲାଭ, ନୂତନ ମିତ୍ରତା, ସହାୟତା ପାଇବେ, ବନ୍ଧୁ ମିଳନ, ଉଚ୍ଚବର୍ଗଙ୍କ ସହାୟତା, ସାମାଜିକ ସମ୍ମାନ, ଖରାପ ଖବର ପାଇପାରନ୍ତି।

### ତୁଳା


ଲକ୍ଷ୍ୟହୀନ ଯାତ୍ରା, ସ୍ୱାସ୍ଥ୍ୟହାନିରୁ ଦୁଃଶ୍ଚିନ୍ତା, ପରିବାରରେ ମନୋମାଳିନ୍ୟ, ବିବାଦୀୟ ପରିସ୍ଥିତି, ଦ୍ରବ୍ୟନଷ୍ଟରୁ କ୍ଷୋଭ, ସ୍ଥଗିତ କାମର ଅନୁଚିନ୍ତା, ବନ୍ଧୁ ବିରୋଧି ହେବେ, ବାଣିଜ୍ୟରେ ଲାଭାଂଶ ବଢିବ, ପରିଭ୍ରମଣର ସୁଯୋଗ, କ୍ରୀଡା, ଚଳଚ୍ଚିତ୍ରରେ ଉନ୍ନତି।

### ବିଛା



ଶାରୀରିକ ଅସୁସ୍ଥତା ପରିବାରରେ ଝଡ, ଅସଂପୂର୍ଣ୍ଣ କାର୍ଯ୍ୟରୁ ମନସ୍ତାପ, ବନ୍ଧୁଙ୍କ ଅନାଦର ଭାବ, ପରିସ୍ଥିତି ହାଲୁକା ହେବ। ଯାତ୍ରାରେ ସଫଳତା, ପଦମର୍ଯ୍ୟାଦା ବୃଦ୍ଧି, ଆଶା ପୂରଣହେବ, ଋଣ ପରିଶୋଧର ଚିନ୍ତା,ସାଂସ୍କୃତିକ କାର୍ଯ୍ୟାରମ୍ଭ ॥

### ଧନୁ


କାର୍ଯ୍ୟରେ ସଫଳତା , ପଦମର୍ଯ୍ୟାଦା ବୃଦ୍ଧି ପାଇବ, ଖୁସିର ଆସର ଜମିପାରେ, ନିର୍ମାଣ ତ୍ୱରାନ୍ୱିତ ହେବ, ସମସ୍ୟାର ସମାଧାନ, ସମ୍ପର୍କ ବ୍ୟାହତ, ଭୁଲ କାମ କରିପାରନ୍ତି, ଶାରୀରିକ ପୀଡା, ନୂତନ ମିତ୍ରତା, ଆନୁଷ୍ଠାନିକ କାର୍ଯ୍ୟାରମ୍ଭ ॥

### ମକର


ସ୍ୱାସ୍ଥ୍ୟରେ ଉନ୍ନତି, ଆର୍ଥିକ ଦୁରବସ୍ଥା, ସଭାସମିତିକୁ ଆହ୍ୱାନ, ପରିବହନରେ ଝଗଡା, ସାମ୍ବାଦିକତାରୁ ଗୌରବ, ଖର୍ଚ୍ଚ ପରିମାଣ ବୃଦ୍ଧି। ବନ୍ଧୁଙ୍କ ସହୃଦୟତା, କର୍ମକ୍ଷେତ୍ରରେ ବିବାଦ, ପାରିବାରିକ ମତାନୈକ୍ୟ ॥

### କୁମ୍ଭ


କାର୍ଯ୍ୟ ସିଦ୍ଧି, ଯାତ୍ରା ସଫଳ, ମିତ୍ର ଲାଭ, ସାଂସ୍କୃତିକ କାର୍ଯ୍ୟକ୍ରମ, ଅର୍ଥ ଓ ସମ୍ମାନ ପ୍ରାପ୍ତି, ସମସ୍ୟା ସୁଧୁରିବ, ମନୋବଳ ବୃଦ୍ଧି, ଉପରିସ୍ଥଙ୍କ ଅନୁକମ୍ପା, ବିଦେଶଯାତ୍ରାର ସୁଯୋଗ, ଶିଳ୍ପ ବାଣିଜ୍ୟରେ ଉନ୍ନତି, ରଚନାତ୍ମକ କାମରୁ ପ୍ରଶଂସା ॥

### ମୀନ


ଲକ୍ଷ୍ୟହୀନ ଯାତ୍ରା, ଅଜୀର୍ଣ୍ଣ ପୀଡା, ଅତୀତ ଘଟଣାର ଅନୁଚିନ୍ତା, ବନ୍ଧୁଙ୍କ ସହ କଳହ, ଆର୍ଥିକ ଦୁରବସ୍ଥା, ସାମାଜିକ ସମ୍ମାନ, ପ୍ରତିଯୋଗିତାରେ ସଫଳତା, ଶୁଭ ଖବର ପାଇବେ, ସମସ୍ୟାର ସମାଧାନ, ଆମୋଦପ୍ରମୋଦ ॥

## କଥା ଅଛି...

*ନୀରବତା ଏବଂ ଧୈର୍ଯ୍ୟଠାରୁ ବଡ଼ କୌଣସି ଗୁଣ ନାହିଁ। ନୀରବତା ଦ୍ୱାରା ସମସ୍ତ ପରିସ୍ଥିତିକୁ ସାମ୍ନା କରାଯାଇପାରେ ଏବଂ ଧୈର୍ଯ୍ୟ ଦ୍ୱାରା ସମସ୍ତ ବିପଦକୁ ପାରି କରାଯାଇପାରେ।

*ଯିଏ ଧୈର୍ଯ୍ୟର ସହିତ ଅପେକ୍ଷା କରିବା ଜାଣିଥାନ୍ତି, ତା'ଙ୍କ ପାଖକୁ ସବୁ ଜିନିଷ କୌଣସି ନା କୌଣସି ପ୍ରକାରରେ ନିଶ୍ଚିତ ପହଞ୍ଚିଥାଏ।

*ଜନ୍ମରୁ କେହି କାହାର ଶତ୍ରୁ ବା ମିତ୍ର ନୁହେଁ, ନିଜ ବ୍ୟବହାର ଦ୍ୱାରା ହିଁ ମିତ୍ରତା ଓ ଶତ୍ରୁତା ସୃଷ୍ଟି ହୋଇଥାଏ।

*'ବ୍ୟବହାର' ଜ୍ଞାନ ଏବଂ ପଇସାଠାରୁ ବଡ଼ ହୋଇଥାଏ। କାରଣ ଯେବେ ଜ୍ଞାନ ଏବଂ ପଇସା ବିଫଳ ହୋଇଯାଆନ୍ତି, ସେତେବେଳେ ଉତ୍ତମ ବ୍ୟବହାର ଦ୍ୱାରା ହିଁ ସ୍ଥିତିକୁ ସମ୍ଭାଳି ଦିଆଯାଇପାରିବ।

*ଶ୍ରଦ୍ଧାରୁ ଜ୍ଞାନ ମିଳିଥାଏ, ନମ୍ରତାରୁ ମାନ ମିଳିଥାଏ ଏବଂ ନିଜ ଯୋଗ୍ୟତାରୁ ସ୍ଥାନ ମିଳିଥାଏ। ଆଉ ଯେତେବେଳେ ଏହି ତିନୋଟି ଯାକ ମିଶିଯାଏ ସେତେବେଳେ ମଣିଷକୁ ସମ୍ମାନ ମିଳିଥାଏ।

*ସମୟ କଟାଇବା ପାଇଁ ବନ୍ଧୁତା କରନ୍ତୁ ନାହିଁ ବରଂ ବନ୍ଧୁଙ୍କ ସହିତ ସମୟ କଟାଇବା ପାଇଁ ସମୟ ବାହାର କରନ୍ତୁ, ଏହାଦ୍ୱାରା ଜୀବନରେ ଅନେକ ଶାନ୍ତି ମିଳିଥାଏ।



## ପାଠକୀୟ

*କାହିଁ କେଉଁ କାଳରୁ ଛତା ସାଜିଛି ମଣିଷର ଖରାବର୍ଷାର ସାଥୀ। ଖାଲି ସେତିକି ନୁହେଁ ଏଇ ଛତା କେବେ ସାଜିଛି ପ୍ରତିପତି ଓ ପ୍ରେମର ପ୍ରତୀକ ତ ଆଉ କେବେ ପୁଣି ହତିଆର। ଏଇ ଛତାର ଅନେକ କଥାକୁ ନେଇ ଉପସ୍ଥାପନା ହୋଇଥିବା ଏଥରର ପ୍ରଚ୍ଛଦ ପ୍ରସଙ୍ଗଟି ଅତ୍ୟନ୍ତ ମର୍ମସ୍ପର୍ଶୀ ଥିଲା। 'ଘରେ ଶାନ୍ତି ରହିବା ପାଇଁ କ'ଣ କରିବା ଦରକାର ତାହା ମଧ୍ୟ ଏଥରର ଛୁଟିଦିନରୁ ଜାଣି ଖୁସି ଲାଗିଲା। 'ଭୋଜନ ପାଇଁ ବି ଅଛି ନିୟମ' ପାଠଟିରୁ ଅନେକ କିଛି ଅଜଣା କଥା ଶିଖିହେଲା।

**-ରାକେଶ ପ୍ରଧାନ, ମୟୂରଭଞ୍ଜ**

*ଛୁଟିଦିନର ଏଥରର ପ୍ରଚ୍ଛଦ ପ୍ରସଙ୍ଗ 'ଛତାର କଥା'ଟି ଅତ୍ୟନ୍ତ ଉପାଦେୟ ତଥା ଶିକ୍ଷଣୀୟ ବିଷୟ ଥିଲା। ସେହିପରି ଲାଇଫ୍ ଷ୍ଟାଇଲ୍ ପୃଷ୍ଠାରୁ 'ପେପ୍ଲମ୍ କୁର୍ତ୍ତା ଫ୍ୟାଶନ' ସମ୍ପର୍କରେ ଅନେକ କିଛି ନୂଆ କଥା ଜାଣିବାକୁ ମିଳିବାରୁ ଖୁସି ଲାଗିଲା। ବ୍ୟକ୍ତିତ୍ୱ ପୃଷ୍ଠାରୁ ଶିଶୁ ଲେଖକ, ଶିଶୁ ପତ୍ରିକାର ସମ୍ପାଦକ ତଥା ଅନୁବାଦକ ବୀରେନ୍ଦ୍ର ମହାନ୍ତିଙ୍କ ଜୀବନୀ ବିଷୟରେ ବହୁ ଅଜଣା କଥା ଜାଣିହେଲା। ଅନ୍ୟପକ୍ଷେ ସୃଜନ ପୃଷ୍ଠାରେ ସ୍ଥାନିତ 'ଦୃଶ୍ୟ' ନାମକ ଗପଟି ଖୁବ୍ ହୃଦୟସ୍ପର୍ଶୀ ହୋଇପାରିଥିଲା।

**-ତପସ୍ୱିନୀ ସାହୁ, କେନ୍ଦ୍ରାପଡ଼ା**

*ସିନେମା ପୃଷ୍ଠାରେ ସ୍ଥାନିତ ହୋଇଥିବା ନର୍ଗିସଙ୍କ ଫଟୋଟି ଅତ୍ୟନ୍ତ ଆକର୍ଷଣୀୟ ଲାଗୁଥିଲା। ସେହିପରି 'ନୂଆ ଲୁକ୍‌ରେ କାର୍ତ୍ତିକ' ଏବଂ 'ଅନନ୍ୟାଙ୍କ ହଲିଉଡ୍ ମିଶନ୍' ନାମକ ପାଠ ଦୁଇଟିର ଉପସ୍ଥାପନା ଶୈଳୀ ବି ବେଶ୍ ଚମତ୍କାର ଥିଲା। ସାଥୀର ଉତ୍ତରଗୁଡ଼ିକ ଯେତିକି ରୋମାଣ୍ଟିକ୍ ଲାଗୁଥିଲା, ସେତିକି ମନଛୁଆଁ ବି ହୋଇପାରିଥିଲା। ଅନ୍ୟପକ୍ଷେ ସାହିତ୍ୟିକ ସତ୍ୟନାରାୟଣ ଗନ୍ତାୟତଙ୍କ ରୋଜଗାର ସମ୍ପର୍କିତ ଲେଖାଟି ବି ଖୁବ୍ ପ୍ରେରଣାଦାୟୀ ଥିଲା।

**-ସାର୍ଥକ ଷଡ଼ଙ୍ଗୀ, ଭୁବନେଶ୍ୱର**

*ପୃଥିବୀ ସୂର୍ଯ୍ୟ ଚାରିପଟେ ବୁଲିବା ସହିତ ନିଜ ଚାରିପଟେ ମଧ୍ୟ ବୁଲିଥାଏ ; ଯେଉଁଥିପାଇଁ ଦିନରାତି ହୋଇଥାଏ। ତେବେ ବିଭିନ୍ନ ସ୍ଥାନରେ ଦିନରାତିର ସମୟସୀମା ଭିନ୍ନ ଭିନ୍ନ ହୋଇଥାଏ। କିନ୍ତୁ ଏମିତି ବି କିଛି ବିସ୍ମୟ ସ୍ଥାନ ରହିଛି, ଯେଉଁଠାରେ ସୂର୍ଯ୍ୟ ଅସ୍ତ ହୁଅନ୍ତି ନାହିଁ ; ଯାହାକୁ ନେଇ ଛୁଟିଦିନରେ ପ୍ରକାଶିତ ସ୍ୱତନ୍ତ୍ର ଆଲେଖ୍ୟ 'ସୂର୍ଯ୍ୟ ଅସ୍ତ ହେଉ ନଥିବା ସ୍ଥାନ'ଟି ଏକ ତଥ୍ୟପୂର୍ଣ୍ଣ ବିଷୟ ଥିଲା। ମଡେଲ୍ ମିରର୍‌ରେ ଜ୍ୟୋତି ବେଶ୍ ସୁନ୍ଦରୀ ଲାଗୁଥିଲେ। **-ରାକ୍ଷୀ ମିଶ୍ର, ଚନ୍ଦନପୁର, ପୁରୀ**

*ସହରଠୁ ଦୂର ପୃଷ୍ଠାରୁ 'ପୋବିତୋରା ବନ୍ୟପ୍ରାଣୀ ଅଭୟାରଣ୍ୟ' ସମ୍ପର୍କରେ ବହୁ ଅଜଣା ତଥ୍ୟ ଜାଣିହେଲା। ସେହିପରି ବିବିଧ ପୃଷ୍ଠାରେ ସ୍ଥାନିତ 'ସବୁଠୁ ସୁନ୍ଦର ମଶା', ଏବଂ ବ୍ୟାକ୍‌ପେଜ୍ ପୃଷ୍ଠାରେ ସ୍ଥାନିତ 'ଖାଳ ବହେ ଦେବୀ ମା'ଙ୍କର', 'ବୁକ୍ ଆର୍ଟ' ତଥା 'ଲେଗୋବ୍ରିକ୍' ଆଦି ପାଠଗୁଡ଼ିକ ଯେତିକି ଆଶ୍ଚର୍ଯ୍ୟକର ଲାଗୁଥିଲା ସେତିକି ତଥ୍ୟପୂର୍ଣ୍ଣ ବି ଥିଲା।

**-ସ୍ୱୟଂଜିତ୍ ତ୍ରିପାଠୀ, ମାଲକାନଗିରି**

### ବିଶେଷ ଚିଠି




ମୋର ପ୍ରିୟ ଛୁଟିଦିନ
ତୁମ ପରି କେହି ନୁହେଁ ସମ,
ଷୋହଳ ପୃଷ୍ଠାରେ ତୁମେ ଆସ
କରିନିଅ ସଭିଙ୍କୁ ବଶ,
ପ୍ରଚ୍ଛଦ ତୁମର ଭାରି ବଢ଼ିଆ
ଜଣାଏ କେତେ କଥା ନୂଆ,
ପ୍ରତି ରବିବାରେ ହୁଏ ତୁମ ଆଗମନ
କିଣି ନେଇଥାଅ ସଭିଙ୍କର ମନ,
ସଦୟ ହୁଅନ୍ତୁ ତୁମକୁ ପ୍ରଭୁ
ଆସୁଥାଅ ଏମିତି ଯୁଗ ଯୁଗକୁ।

**-ଅଶୋକ କୁମାର ମହାନ୍ତି, ଚକ୍ରତୀର୍ଥ ରୋଡ୍, ପୁରୀ**

ଧରିତ୍ରୀ ଛୁଟିଦିନ
ସମ୍ପାଦକ: ତଥାଗତ ସତପଥୀ
Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Rasulgarh Industrial Estate, Bhubaneswar-10, Ph.:2549302, Fax : 2549795

# ଶିଖର ଛୁଇଁବାର ଇଚ୍ଛା





**ମାଟିରୁ ଆକାଶ ସୁଉଚ୍ଚ ପର୍ବତ ଶିଖର ଛୁଇଁବାର ନିଶା ! ପର୍ବତାରୋହୀଙ୍କ ମନରେ ଜାଗ୍ରତ କରେ ପ୍ରତିଯୋଗୀ ଭାବନା । ଆଗକୁ ଅଗ୍ରସର ହେବାର ଉତ୍ସୁକତା । ଏହି ଦୁଃସାହସିକ କ୍ରୀଡ଼ା ଅଭିଯାନର ପାଦେ ପାଦେ ରହିଥାଏ ବିପଦର ଆଶଙ୍କା ।**

ଉଚ୍ଚ ପର୍ବତ ଶିଖର ଛୁଇଁବାର ନିଶା ! ପର୍ବତାରୋହୀଙ୍କ ମନରେ ଜାଗ୍ରତ କରେ ପ୍ରତିଯୋଗୀ ଭାବନା। ଏହି ଦୁଃସାହସିକ କ୍ରୀଡ଼ା ଅଭିଯାନର ପାଦେ ପାଦେ ରହିଥାଏ ବିପଦର ଆଶଙ୍କା। ବହୁ ବାଧାବିଘ୍ନକୁ ଆଡ଼େଇ ଏମାନେ ଆଗେଇ ଚାଲନ୍ତି ନିଜ ନିଜର ଗନ୍ତବ୍ୟ ପଥରେ। କେତେବେଳେ ଯେ ଏମାନେ ଲକ୍ଷ୍ୟସ୍ଥଳରେ ପହଞ୍ଚି ଯାଇଥାନ୍ତି ତାହା ଜଣା ନ ଥାଏ। ତେବେ ଏମିତି ଦୁଃସାହସିକ ପର୍ବତାରୋହଣରେ ସାମିଲ ହୋଇଥିବା ପର୍ବତାରୋହୀମାନେ ଦେଶ ପାଇଁ ନିଶ୍ଚିନ୍ତ ଗୌରବ ଆଣିଥାନ୍ତି। ସେମିତି କେତେ ଜଣ ପର୍ବତାରୋହୀଙ୍କ ସମ୍ପର୍କରେ... ।

ପର୍ବତାରୋହୀଙ୍କ ଦୃଢ଼ ମନୋବଳ ଓ ଅଦମ୍ୟ ସାହସ ତାଙ୍କୁ ଲକ୍ଷ୍ୟସ୍ଥଳରେ ପହଞ୍ଚାଇଥାଏ। ଏମିତିରେ ବିଭିନ୍ନ ଅଞ୍ଚଳରେ ଥିବା ଛୋଟବଡ଼ କେତେକ ପାହାଡ଼ରେ ଆୟୋଜନ କରାଯାଉଥିବା ପର୍ବତାରୋହଣ ତାଲିମ ଶିବିରରେ ଭାଗନେବାକୁ ପଡ଼ିଥାଏ। ବର୍ଷର ବିଭିନ୍ନ ସମୟରେ ବିଭିନ୍ନ ସ୍ଥାନରେ ପାହାଡ଼ଚଢ଼ା ଅଭିଯାନ ଦେଖିବାକୁ ମିଳେ। ପାହାଡ଼ଚଢ଼ା ଏକ ଦୁଃସାହସିକ କ୍ରୀଡ଼ା। ଏହି କ୍ରୀଡ଼ାର ଅଭିଯାନରେ ନିହାତି ଜୀବନ ପ୍ରତି ଥାଏ ବିପଦ ଆଶଙ୍କା। ଏହି ତାଲିମ ସମୟରେ ମିଳିଥିବା ପରାମର୍ଶ ଯୋଗୁ କୌଣସି ଅସୁବିଧାର ସମ୍ମୁଖୀନ ହେଲେ ଉପସ୍ଥିତ ବୁଦ୍ଧି ଓ ଦୃଢ଼ ମନୋବଳ ଏମାନଙ୍କୁ ସଫଳତା ଆଡ଼କୁ ବାଟ କଢ଼େଇଥାଏ। ତେବେ ଆରୋହଣକାରୀମାନେ ଯେତେ ଯେତେ ଉପରକୁ ଚଢ଼ନ୍ତି ଅନେକଙ୍କ ପାଇଁ ଧୀରେ ଧୀରେ ନିଃଶ୍ୱାସପ୍ରଶ୍ୱାସରେ କଷ୍ଟସାଧ୍ୟ ହୋଇଥାଏ। କିନ୍ତୁ ସାଥୀରେ ନେଇଥିବା ଆବଶ୍ୟକ ସରଞ୍ଜାମକୁ ବ୍ୟବହାର କରି ଏମାନେ ମାଡ଼ିଚାଲନ୍ତି ଆଗକୁଆଗକୁ।

**ଚିନ୍ମୟ ମହାରଣା**–ସ୍ୱପ୍ନକୁ ସାକାର କରିବା ପାଇଁ ସେ ନିରନ୍ତର ସାଧନା କରନ୍ତି। ଏଥିପାଇଁ କଲେଜ ସମୟରୁ ପାହାଡ଼ଚଢ଼ାର ନିଶା ଘାରିଥିଲା। ତେବେ ୨୦୧୪ ମସିହାରେ ଏନ୍‌ଏଫ୍ ପକ୍ଷରୁ ଆୟୋଜିତ ଆଡ଼ଭେଞ୍ଚର କ୍ୟାମ୍ପରେ ସେ ଯୋଗଦେଇଥିଲେ। ଏଥିପାଇଁ ଖୋର୍ଦ୍ଧା ଜିଲା ବାଲୁଗାଁ ଅଞ୍ଚଳର ମାମୁ–ଭଣଜା ପାହାଡ଼ରେ ପାହାଡ଼ଚଢ଼ାର ତାଲିମ ନେଇଥିଲେ। ସେ ହେଲେ ଚିନ୍ମୟ ମହାରଣା। ଘର ପୁରୁଣା ଭୁବନେଶ୍ୱର ଅଞ୍ଚଳରେ। ସେ କୁହନ୍ତି, 'କଲେଜ ସମୟରେ ମୋର କ୍ରୀଡ଼ାକୌଶଳ ଦେଖି ଜଣେ ଅଧ୍ୟାପକ କହିଥିଲେ, ତମେ ପର୍ବତାରୋହଣ ପାଇଁ ତାଲିମ ନିଅ। ତା'ପରେ ଦୀଲିପ କୁମାର ପ୍ରଧାନଙ୍କ ସହଯୋଗରେ ଏନ୍‌ଏଫ୍ ପକ୍ଷରୁ ଆୟୋଜିତ ଆଡ଼ଭେଞ୍ଚର କ୍ୟାମ୍ପରେ ଯୋଗଦେଇଥିଲି। ଏମିତିରେ ୨୧ବର୍ଷରୁ ପାହାଡ଼ ଚଢ଼ା ଆରମ୍ଭ କରିଥିଲି। ପରେ ଏଭରେଷ୍ଟ ଆରୋହୀ ଗଣେଶ ଚନ୍ଦ୍ର ଜେନାଙ୍କଠାରୁ ଅଧିକ କିଛି ଶୁଣି ପର୍ବତାରୋହଣ କରିବା ପାଇଁ ବିଧିବଦ୍ଧ ଭାବେ ତାଲିମ ନେଇଛି। ଏବେ ପ୍ରାୟ ୮ରୁ ଊର୍ଦ୍ଧ୍ୱ ପର୍ବତରେ ଆରୋହଣ କରିସାରିଲିଣି । ଏହି ଦିଗରେ ଆଗ୍ରହୀ ଥିବା ଛାତ୍ରୀଛାତ୍ରଙ୍କୁ ମଧ୍ୟ ପ୍ରଶିକ୍ଷଣ ଦେଇ ଜଣେ ଇନ୍‌ଷ୍ଟ୍ରକ୍ଟର ଭାବେ ପରିଚୟ ମିଳିଛି। ତେବେ ମନାଲିର ସେଟିଧାରରେ ୧୫,୨୦୦ଫୁଟ୍–୨୦୧୫ମସିହାରେ, ଚୌକଗଡ଼ ୧୦,୯୨୫ଫୁଟ୍ –୨୦୧୬ମସିହାରେ, ଲାମାଦୌଗ–୧୧,୪୮୨ଫୁଟ୍ –୨୦୧୬ମସିହାରେ, ରଣିକିମନାଲି–୧୩,୧୨୩ଫୁଟ୍ –୨୦୧୬ମସିହାରେ ଷ୍ଟକ କାଙ୍ଗ୍ରୀ ଲେହ–ଲଦାଖ–୨୦,୧୮୭ଫୁଟ୍ –୨୦୧୬ମସିହାରେ,ପାଲୁଙ୍ଗସିକିମିରେ ୧୮,୦୦୦ଫୁଟ୍ –୨୦୧୮ ମସିହାରେ, ଦର୍ବାଟପ–ଉତ୍ତରାକାଶୀରେ ୧୩,୫୦୦ଫୁଟ୍, ୨୦୧୮ମସିହାରେ, ରୁଦ୍ରଗାଏର ଉତ୍ତରକାଶୀ ୧୯,୧୦୦ଫୁଟ୍ ୨୦୧୯ମସିହାରେ ଚଢି ସାରିଛି। ତେବେ ଓଡ଼ିଶାରେ ପ୍ରତିବର୍ଷ ବିଜୁ ପଟ୍ଟନାୟକ ହିମାଳୟ ପର୍ବତ ଆରୋହଣ ଦୁଃସାହସିକ କାର୍ଯ୍ୟକ୍ରମ ଆୟୋଜନ ହୋଇଥାଏ।'

**ସସ୍ମିତା ପ୍ରଧାନ**– ସ୍କୁଲ ଓ କଲେଜ ସମୟରେ ସେ ବିଭିନ୍ନ କ୍ରୀଡ଼ାରେ ଯୋଗ ଦେଇ ପୁରସ୍କୃତ ହେଉଥିଲେ। ଥରେ ଏକ କାର୍ଯ୍ୟକ୍ରମରେ ପର୍ବତ ଆରୋହଣ ସମ୍ପର୍କରେ ଶୁଣିଥିଲେ। ତା'ପରେ ତାଙ୍କ ମନରେ ପାହାଡ଼ ଚଢ଼ିବାର କୌତୂହଳ ସୃଷ୍ଟିହେଲା। ଏଥିପାଇଁ ଏକ ୟୁଟ୍ୟୁବ ଚ୍ୟାନେଲରେ ଏଭରେଷ୍ଟକୁ ଦେଖି ଖୁସି ହୋଇପଡ଼ିଥିଲେ। ତେବେ ଏମିତି ପର୍ବତକୁ ନିକଟରୁ ଦେଖିବା ଓ ପର୍ବତରେ ଚଢ଼ିବାର ଅନୁଭବ କରିବା ଜିଜ୍ଞାସା ତାଙ୍କ ମନକୁ ସର୍ବଦା ଅଥୟ କଲା। ଏଥିପାଇଁ ସେ ଏହି ଦୁଃସାହସିକ କ୍ରୀଡ଼ାରେ ତାଲିମ ନେବାକୁ ଚିନ୍ତା କରିଥିଲେ। ସେ ହେଲେ ସସ୍ମିତା ପ୍ରଧାନ। ଜନ୍ମ–୭।୫।୧୯୯୫। ପିତା ଗନ୍ଧର୍ବ ପ୍ରଧାନ, ମା' ମମତା ପ୍ରଧାନ। ଘର ଭୁବନେଶ୍ୱର, ୟୁନିଟ୍–୮, ଶିରିପୁରରେ। ସେ କୁହନ୍ତି, 'କମଳାନେହେରୁ ମହିଳା ମହାବିଦ୍ୟାଳୟ ଭୁବନେଶ୍ୱରରେ ବି.ଏ. ସାରିଲି। ୨୦୧୬ରେ ଏକ କାର୍ଯ୍ୟକ୍ରମରେ ପର୍ବତ ଆରୋହଣକାରୀ ଗଣେଶ ସାର୍ ଅତିଥି ହୋଇ ଆସିଥିଲେ। ସେ ଏଭରେଷ୍ଟ କାହାଣୀ ଓ କିପରି ବହୁ ପ୍ରକାରର ବାଧାବିଘ୍ନକୁ ସାମ୍ନାକରି ପର୍ବତାରୋହଣ କରିବାକୁ ହୋଇଥାଏ ତାଙ୍କ ନିଜ ଅନୁଭୂତିକୁ କହିଥିଲେ। ଗଣେଶ ସାର୍‌ଙ୍କ ଅନୁଭୂତି ଶୁଣି ବହୁତ ଉତ୍ସାହିତ ହୋଇପଡ଼ିଥିଲି। ତା' ପରେ ତାଙ୍କର ଫୋନ୍ ନମ୍ବର ସଂଗ୍ରହ କରିଥିଲି। ପର୍ବତାରୋହଣ ପାଇଁ ମନରେ ପ୍ରବଳ ଆଗ୍ରହ ଥିବାରୁ କିପରି ତାଲିମ ନେବି ତାହା ତାଙ୍କୁ ଜଣାଇଥିଲି। ୨୦୧୬ ମସିହାରେ ପ୍ରଥମେ ଜମ୍ମୁ–କଶ୍ମୀରରେ ଥିବା ଜି.ଏମ୍.ଇ ଇନ୍‌ଷ୍ଟିଚ୍ୟୁଟ୍‌ରେ ବି.ଏମ.ସି. କରିଥିଲି। ସେଠି ପ୍ରଥମ ଥର ୧୪,୫୦୦ଫୁଟ୍‌ର ଗ୍ରୀନ ଟପକୁ ଚଢ଼ି ସଫଳ ହୋଇଥିଲି । ଟ୍ରେକିଙ୍ଗ ସମୟରେ ମତେ ବହୁତ କିଛି ଅନୁଭୂତି ମିଳିଥିଲା। ପ୍ରଥମେ ଜାଣିବାକୁ ପାଇଲି ସେଠି ଗୋଟେ ପ୍ୟାକ୍ ସବ୍‌ମିଟ୍ କରିବା ପାଇଁ କିପରି ପ୍ରସ୍ତୁତ ହେବାକୁ ପଡ଼ିଥାଏ। ତା' ପରେ ଗ୍ରୁପ ସହିତ କିପରି ଚାଲିବାକୁ ହେବ ଶିଖିଲି। ଚାଲିବା ସମୟରେ ପାହାଡ଼ର ଯେତେ ଉପରକୁ ଚଢୁଥିଲୁ ପ୍ରଶ୍ୱାସ ନେବାରେ କଷ୍ଟ ଅନୁଭବ କରିଥିଲି। କିନ୍ତୁ ମନେମନେ ଭାବୁଥିଲି ଓଡ଼ିଶାରେ ବହୁତ ଦୂର ଦୌଡୁଥିଲି କିମ୍ବା ବହୁତ ବାଟ ଚାଲୁଥିଲି, ହେଲେ ଏମିତି କଷ୍ଟ ଲାଗୁ ନ ଥିଲା। କିନ୍ତୁ ଏଠି କାହିଁକି ଏମିତି କଷ୍ଟ ଅନୁଭବ ହେଉଛି ଜାଣିପାରୁ ନ ଥିଲି। ମାତ୍ର ଯେତେବେଳେ ପର୍ବତରେ ଏଠିକାର ସୌନ୍ଦର୍ଯ୍ୟ ଦେଖିଲି ସବୁ କଷ୍ଟ ଦୂରେଇ ଯାଉଥିଲା। ଏମିତିରେ ବହୁତ ବାଧାବିଘ୍ନକୁ ସାମ୍ନାକରି କେତେବେଳେ ଯେ ପର୍ବତର ଶିଖରରେ ପହଞ୍ଚିସାରିଥିଲି ତାହା ଜଣା ପଡୁ ନ ଥିଲା। ତା'ପରେ ଏତେ ଖୁସି ହୋଇ ପଡୁଥିଲି ତାହା କେବଳ ଅନୁଭବୀ ଜାଣେ। ପର୍ବତ ଶିଖରରେ ପହଞ୍ଚିବାର ଯେଉଁ ଅଭିଳାଷ ଥିଲା ସେଥିରେ ସଫଳତା ମିଳିଥିଲା। ଏସବୁ କେବଳ ସମସ୍ତ ଗୁରୁଜନଙ୍କ ଆଶୀର୍ବାଦ ପାଇଁ ସମ୍ଭବ ହୋଇଥିଲା। କିନ୍ତୁ ପର୍ବତାରୋହଣ କରିବା





ପୂର୍ବରୁ ପ୍ରଥମେ ଶାରୀରିକ ଓ ମାନସିକ ଭାବେ ଶକ୍ତ ହେବାକୁ ପଡ଼ିଥାଏ। ପ୍ରାୟ ୬ମାସ ଆଗରୁ ଶାରୀରିକ ଦକ୍ଷତା ପ୍ରତି ଠିକ୍‌ଭାବେ ନଜର ରଖାଯାଇଥାଏ। ଦୈନିକ ପ୍ରାୟ ୫ରୁ ୭କିମି ଦୌଡ଼ିବାକୁ ପଡ଼ିଥାଏ। ମନରେ ଦୃଢ଼ ଇଚ୍ଛାଶକ୍ତି ଜାଗ୍ରତ ହୋଇଥାଏ। ପର୍ବତାରୋହଣ ବେଳେ କୌଣସି ସମସ୍ୟା ହେଲେ ଉପସ୍ଥିତ ବୁଦ୍ଧି ଖଟାଇବା ନିହାତି ଜରୁରୀ। ବର୍ତ୍ତମାନ ମନାଲିରେ ଦୁଃସାହସିକ କ୍ୟାମ୍ପରେ ପ୍ରାୟ ୫ବର୍ଷ ଧରି ଆଡ଼ଭେଞ୍ଚର ଇନଷ୍ଟ୍ରକ୍ଟର ଭାବରେ କଲେଜ ଏବଂ ସ୍କୁଲର ଛାତ୍ରୀଛାତ୍ରଙ୍କୁ ପ୍ରଶିକ୍ଷଣ ଦେଉଛି। ସେମାନଙ୍କର ଇନଷ୍ଟ୍ରକ୍ଟର ଭାବରେ ମନାଲିରେ ୨ଟି ଟ୍ରାକରେ ନେଇ ପ୍ରଶିକ୍ଷଣ ଦେଉଛି। ଏବେ ନ୍ୟାଶନାଲ ଆଡ୍‌ଭେଞ୍ଚର କ୍ଲବ ଚଣ୍ଡିଗଡ଼ରେ ଯୋଗଦେଇଛି। ଓଡ଼ିଶାରେ ପର୍ବତାରୋହଣ ପାଇଁ ବିଭିନ୍ନ ସ୍କୁଲ କଲେଜର ଛାତ୍ରୀଛାତ୍ରମାନଙ୍କୁ ଏହିଦିଗ ପ୍ରତି ଆଗ୍ରହ ସୃଷ୍ଟି କରିବାରେ ଚେଷ୍ଟା କରିବି । ଓଡ଼ିଶାର ଟେକ ରଖିବି।

**ଦେବଦତ୍ତ ସାମନ୍ତରାୟ**– ପାହାଡ଼ର ସର୍ବୋଚ୍ଚ ସ୍ଥାନରେ କ'ଣ ଅଛି? ବହୁତ ଉଚ୍ଚକୁ ଚଢ଼ିଲେ କ'ଣ ଅନୁଭବ କରନ୍ତି ? ଚଢ଼ିବା ପାଇଁ କିପରି ପ୍ରସ୍ତୁତ ହେବାକୁ ପଡ଼ିବ ଇତ୍ୟାଦି କଥା ତାଙ୍କ ମନରେ ଆନ୍ଦୋଳିତ କଲା। କଥାରେ ଅଛି ଇଚ୍ଛାଥିଲେ ଉପାୟ ମିଳିଯାଏ। ଯୋଗକୁ ଜଣେ ପର୍ବତାରୋହୀଙ୍କ ସମ୍ପର୍କରେ ଏକ କାହାଣୀ ଖବରକାଗଜରୁ ପଢିବାକୁ ପାଇଥିଲି। ତା' ପରେ ମନରେ ନାନା ପ୍ରକାରର ପ୍ରଶ୍ନ ସୃଷ୍ଟି ହୋଇଥିଲା ବୋଲି କୁହନ୍ତି ଦେବଦତ୍ତ ସାମନ୍ତରାୟ। ସେ କୁହନ୍ତି, 'ମୋ ଗାଁ ପୁରୀ ଜିଲାର ନିମାପଡ଼ା ନିଆଁଗୋରଡ଼ାରେ। ମାତ୍ର ଆମେ ଭୁବନେଶ୍ୱରର କଳିଙ୍ଗବିହାର ଅଞ୍ଚଳରେ ରହୁଛୁ। ମୋର ଜନ୍ମ ୨୫।୧୧।୧୯୯୬ରେ। ପିତା ଶ୍ରୀନିବାସ ସାମନ୍ତରାୟ, ମା' ବନବାସିନୀ ସାମନ୍ତରାୟ। ଦେବରାୟ କଲେଜରେ ପଢ଼ା ସମୟରେ ଆଡ଼ଭେଞ୍ଚର ତାଲିମ ପାଇ ନିଷ୍ପତ୍ତି ନେଇଥିଲି। ପରେ ଜାଭା ମାଉଣ୍ଟରୀ ଇନ୍‌ଷ୍ଟିଚ୍ୟୁଟରେ ତାଲିମ ନେଲି। ୨୦୧୬ରୁ ଏହି ଦୁଃସାହସିକ ପାହାଡ଼ ଚଢ଼ାରେ ସାମିଲ ହୋଇଛି। ଏମିତିରେ ଗ୍ରୀନ୍ ଟପ୍ ୧୪,୫୦୦ଫୁଟ୍, ହାପିଭ୍ୟାଲି ୧୩,୪୭୦ଫୁଟ, ଦରୱା ଟପ୍ ୧୩,୫୫୦ଫୁଟ୍‌କୁ ଯାଇସାରିଲିଣି। ରୁଦ୍ରୁଘେରା ୧୯୧୮୦ଫୁଟ ପ୍ୟାକ୍ ସମିଟି କରିଛି। ବିଜୁ ପଟ୍ଟନାୟକ ମାଉଣ୍ଟରୀ ଆଡ଼ଭେଞ୍ଚର ଯାତ୍ରାରେ ସାମିଲ ହୋଇଥିଲି।

**ଅନିତା ସ୍ୱାଇଁ**– ପର୍ବତାରୋହୀଙ୍କ ଦୁଃସାହସିକ କ୍ରୀଡ଼ାର ଅନୁଭୂତି ଜାଣିବା ପାଇଁ ମନରେ ଆଗ୍ରହ ସୃଷ୍ଟି ହେଲା। ଏଥିପାଇଁ ଏହି କ୍ଷେତ୍ରରେ ତାଲିମ ନେଲି ବୋଲି କୁହନ୍ତି ଅନିତା ସ୍ୱାଇଁ । ଜନ୍ମ ୧୨।୬।୧୯୯୬ମସିହାରେ। ପିତା ହଜାରୀ ସ୍ୱାଇଁ, ମା' ପ୍ରଭାତୀ ସ୍ୱାଇଁ। ଘର ଭୁବନେଶ୍ୱର ନୟାପଲ୍ଲୀ ଅଞ୍ଚଳରେ। ସେ କୁହନ୍ତି, '୨୦୧୬ରେ ପର୍ବତାରୋହଣରେ ଯୋଗଦେଲି। ଏକ ମାଉଣ୍ଟରୀ ଇନ୍‌ଷ୍ଟିଚ୍ୟୁଟରେ ତାଲିମ ନେଲି। ପ୍ରଥମେ ବେସିକ କୋର୍ସ, ତା'ପରେ ଆଡ଼ଭେଞ୍ଚ କୋର୍ସ କଲି। ଏବେ କେତେକ ଜାଗାରେ ପର୍ବତାରୋହଣ କରିସାରିଲିଣି। ଏମିତିରେ ମନାଲିଠାରେ କେତେଜଣ ପର୍ବତାରୋହୀଙ୍କୁ ଓ କେତେକ ସ୍କୁଲ କଲେଜ ଛାତ୍ରୀଛାତ୍ରଙ୍କୁ ତାଲିମ ଦେଉଛି। ପ୍ରାୟ ୩୫ରୁ ୪୦ଟି କ୍ୟାମ୍ପ ସାରିଲିଣି। ପ୍ରଥମ ର୍‌ୟାଙ୍କରେ ୧୭,୦୦୦ଫୁଟ, ପରେ ୫୨୮୯ମିଟର ଫ୍ରେଣ୍ଡଶିପ, ସିଟଦରପିକ ୬୨୫୦ମିଟର, ପୁଣି ବିପଦସଙ୍କୁଳ ପିକ୍ ଭାବେ ୧୩୦୦୦ଫୁଟ ଅତିକ୍ରମ କରିସାରିଛି। ଓଡ଼ିଶାର ପିଲାମାନେ ଏହି ଦିଗରେ କିପରି ଆଗକୁ ଯିବେ ସେଥିପାଇଁ ଉତ୍ସାହିତ କରାଇବି। ଜଣେ ପର୍ବତାରୋହଣକାରୀ ଭାବେ ସ୍ୱତନ୍ତ୍ର ସ୍ଥାନ ହାସଲ କରିବାକୁ ଲକ୍ଷ୍ୟ ରଖିଛି।

**ଗଣେଶ ଚନ୍ଦ୍ର ଜେନା**–ଦୃଢ଼ ମନୋବଳ, ଅଦମ୍ୟ ସାହସ ଏବଂ ନିଷ୍ଠାର ସହିତ ଅଭ୍ୟାସ ଜାରି ରଖିଥିବାରୁ ଆଜି ସେ ବିଶ୍ୱର ସର୍ବୋଚ୍ଚ ଶୃଙ୍ଗରେ ପାଦ ଥାପିଛନ୍ତି। ସେ ଜଣେ ସାଧାରଣ ବ୍ୟକ୍ତି, ମାତ୍ର ଅସାଧାରଣ ପ୍ରତିଭାର ଅଧିକାରୀ। ସେ ହେଲେ ପ୍ରଥମ ଓଡ଼ିଆ ଟ୍ରାଭର୍ସ କ୍ଲାଇମ୍ବିଂ କ୍ଷେତ୍ରରେ ମସ୍କୋର ମାଉଣ୍ଟ ଏଲବ୍ରସ ଅତିକ୍ରମ କରିଥିବା ପର୍ବତାରୋହୀ ଗଣେଶ ଚନ୍ଦ୍ର ଜେନା। ସେ କୁହନ୍ତି, ଘର ଗଜପତି ଜିଲାର ପାରଳାଖେମୁଣ୍ଡି ଅନ୍ତର୍ଗତ ବ୍ରାହ୍ମଣ ସୀତାପୁର ଗାଁରେ। ମୋର ଜନ୍ମ ତା୫.୫.୧୯୭୨ମସିହାରେ। ପିତା କଣ୍ଟାରୁ ଜେନା, ମାତା ସୀତା ଜେନା। ପିଲାଟି ଦିନରୁ ସାଙ୍ଗମାନଙ୍କ ସହିତ ଗାଁ ନିକଟ ପାହାଡ଼ରେ ଚଢ଼ିବା ବେଳେ ମନେହେଉଥିଲା ଯେ ହିମାଳୟ ପର୍ବତରେ ଥରେ ଚଢ଼ି ପାରନ୍ତି କି? ଯଦିଓ କଲେଜରେ ପଢୁଥିବା ସମୟରେ ମୋ ମନରେ କିନ୍ତୁ କିଛି ପରିବର୍ତ୍ତନ ଆସିଥିଲା। ହେଲେ ପରେ ଦୁଃସାହସିକ କ୍ରୀଡ଼ା ପର୍ବତାରୋହଣ ପାଇଁ ନିଷ୍ପତ୍ତି ନେଇଥିଲି। ପ୍ରାୟ ୨୦ବର୍ଷରୁ ପାହାଡ଼ ଚଢ଼ିବା ଆରମ୍ଭ କରିଥିଲି। ପର୍ବତାରୋହଣରେ ଟ୍ରାକିଂ କରିବା, ପର୍ବତାରୋହୀ ସହଯୋଗୀ ଭାବେ ଦଳରେ ସ୍ଥାନ ପାଇଥିଲି। ପରେ ଗୁରୁ ରାକେଶ କୁମାର ପନୱାରଙ୍କ ପ୍ରଶିକ୍ଷଣରେ ଯୋଗଦେଇ ଛୋଟଛୋଟ ଶୃଙ୍ଗରେ ପର୍ବତ ଆରୋହଣ କରିବା ଆରମ୍ଭ କରିଥିଲି। ଏଥିପାଇଁ ପ୍ରଥମେ ୨୦୧୧ରେ ବିମାନ ଯୋଗେ କାଠମାଣ୍ଡୁରୁ ମୋ ଯାତ୍ରା ଆରମ୍ଭ କରିଥିଲି। ମନରେ





ସସ୍ମିତା ପ୍ରଧାନ




ଅନିତା ସ୍ୱାଇଁ

ସାହାସ ଓ ସଫଳତା ପାଇଁ ସର୍ବପ୍ରଥମେ ହନୁମାନଙ୍କୁ ଆରାଧାନା କରି ଏହି ଅଭ୍ୟାସ ଜାରି ରଖିଥାଏ। ଧୀରେ ଧୀରେ ପର୍ବତ ଆରୋହଣରେ ବହୁ ସଫଳତା ପାଇଲି । ବର୍ତ୍ତମାନ ପ୍ରାୟ୨୧ଟି ପର୍ବତର ଶୃଙ୍ଗ ଦେଶ ଚଢ଼ିସାରିଲିଣି। ସେଥିରୁ ୧୫ଟି ଦେଶ ମଧ୍ୟରେ ଥିବା ଶୃଙ୍ଗ ହୋଇଥିବାବେଳେ ଆଉ ୬ଟି ବିଦେଶର। ଏଯାଏଁ ପ୍ରାୟ ୯୦ରୁ ଊର୍ଦ୍ଧ୍ୱ ଏମିତି ଦୁଃସାହସିକ କ୍ରୀଡ଼ା ଶିବିରରେ ଅଂଶଗ୍ରହଣ କରିସାରିଛି। ସେଟିଧାର, ମାମୋ ଷ୍ଟଙ୍ଗକାଙ୍ଗ୍ରୀ ଶୃଙ୍ଗ, ଖର୍ଦୁଙ୍ଗଲା ଆଦି ଅନେକ ଗିରିଶୃଙ୍ଗରେ ପହଞ୍ଚିସାରିଛି। ଦୀର୍ଘ ୨୭ବର୍ଷର ପାହାଡ଼ ଚଢା ଅଭିଜ୍ଞତାରେ ଅନେକ କିଛି ଅନୁଭୂତି ରହିଛି।

୧୯୯୯ମସିହା କାରଗିଲ ଯୁଦ୍ଧ ସମୟରେ ବାଇକ ଅଭିଯାନ ପାଇଁ ପ୍ରଶିକ୍ଷକ ରାକେଶ ପାନୱାରଙ୍କ ଦଳ ସହିତ ପାହାଡ଼ ରାସ୍ତାରେ ଯିବା ସମୟରେ ମୁଁ ଅଲଗା ହୋଇଯାଇଥିଲି। ହିମାଚଳ ପ୍ରଦେଶ ଓ ଜମ୍ମୁ-କଶ୍ମୀର ସୀମାନ୍ତ ଅଞ୍ଚଳର ବାରଲାଖଲା ଏକ ଗିରିସଙ୍କଟ, ଯେଉଁଠାରେ ତାପମାତ୍ରା ପ୍ରାୟ -୩୦ରୁ -୩୫ ଡିଗ୍ରୀ ହେବ। ସେଠାରେ ନିଃସହାୟ ହୋଇଗଲୁ। କୌଣସି ଆଶ୍ରୟସ୍ଥଳ ପାଇଲୁ ନାହିଁ। ପାଖରେ ଏକ ଆଜବେଷ୍ଟସ ଘର ଭିତରକୁ ବହୁ କଷ୍ଟରେ ଯାଇଥିଲୁ। ତା ପରେ ଗୋଟେ ରାତି ବିନା ଖାଦ୍ୟ ପାନୀୟରେ ୨ଟି ଚକୋଲେଟ ପାଟିରେ ଜାକି ଗୁରୁଙ୍କ ସହିତ ରହିବାକୁ ପଡ଼ିଥିଲା । ତେବେ ତାପମାତ୍ରା ଏତେକମ୍ ଥିବାରୁ ହାତଗୋଡ଼ ଅଚଳ ହୋଇପଡୁଥାଏ। ଏହି ସମୟରେ ଏକ ଯୁଦ୍ଧ ଯାନ ସେହି ରାସ୍ତା ଦେଇ ଅତିକ୍ରମ କଲା। ସେମାନେ ଆମ ପାଖରେ ଅଟକିଲେ। ଆମେ ସେମାନଙ୍କୁ ପାଣି ମାଗିଲୁ ଓ ନିଜ ସମସ୍ୟା କହିଲୁ। ତା'ପରେ ସେମାନେ ଉକ୍ତ ଗାଡ଼ିରେ ଆମକୁ ଏକ କ୍ୟାମ୍ପକୁ ନେଇ ଖାଦ୍ୟପାନୀୟ ବ୍ୟବସ୍ଥା କରିଥିଲେ। ସେତେବେଳେ ଏଠାରେ ଓଡ଼ିଆ ସୈନିକ ଶ୍ରୀନିବାସ ରାଓ ଥିଲେ। ସେମାନଙ୍କ ପାଇଁ ଆମେ ସେଠାରୁ ଉଦ୍ଧାର ହୋଇ ବଞ୍ଚିଯାଇଥିଲୁ। ମାତ୍ର ପରେ ଶ୍ରୀନିବାସ ଉକ୍ତ ଯୁଦ୍ଧରେ ଶହୀଦ ହେବା ଖବର ଶୁଣି ଭାଙ୍ଗିପଡ଼ିଥିଲି। ଅନ୍ୟପକ୍ଷେ ଏହି ଦୁଃସାହସିକ କ୍ରୀଡ଼ା ପର୍ବତାରୋହଣ ପ୍ରତି ଓଡ଼ିଶା ସରକାରଙ୍କ ପ୍ରୋତ୍ସାହନ ରହିଛି। ତେଣୁ ଅନେକ ପ୍ରତିଭା ଏହି କ୍ଷେତ୍ରରେ ଯୋଗଦେଇଥାନ୍ତି। ବର୍ତ୍ତମାନ ଏଥିରେ ପର୍ଯ୍ୟାପ୍ତ ସୁଯୋଗ ରହିଛି। ତେବେ ପର୍ବତାରୋହଣ ପାଇଁ ତାଲିମ, ସରଞ୍ଜାମ ଓ ପୋଷାକପତ୍ରର ଆବଶ୍ୟକତା ରହିଛି। ପର୍ବତାରୋହୀମାନେ ଜୀବନକୁ ବାଜିଲଗାଇ ଶିଖରରେ ପହଞ୍ଚୁଥିବା ଦୁଃସାହସିକ ପଦକ୍ଷେପ ତାଙ୍କ ପାଇଁ ଭିନ୍ନ ଏକ ପରିଚୟ ସୃଷ୍ଟି କରେ ।

–ବନବିହାରୀ ବେହେରା



ଗଣେଶ ଚନ୍ଦ୍ର ଜେନା



ଚିନ୍ମୟ ମହାରଣା





# ଟି ଲେଙ୍ଗ୍‌ଥ ଡ୍ରେସ୍



**ଯେଉଁ ଡ୍ରେସ୍‌ର ଲମ୍ବା ଆଣ୍ଠୁ ତଳକୁ, ହେଲେ ଗୋଇଠି ଉପରକୁ ରହିଥାଏ, ତାକୁ ଟି ଲେଙ୍ଗ୍‌ଥ ଡ୍ରେସ୍ କୁହାଯାଏ। ଏହି ଡ୍ରେସ୍‌କୁ ପିନ୍ଧିଲେ କମ୍ଫଟେବଲ ଲାଗିବା ସହ କ୍ଲାସି ଲୁକ୍ ମିଳିଥାଏ। ଖାସ୍ ସେଇଥିପାଇଁ ସାଧାରଣ ଯୁବତୀଙ୍କଠୁ ଆରମ୍ଭ କରି ବଲିଉଡ୍ ଡିଭାଙ୍କ ପର୍ଯ୍ୟନ୍ତ ସମସ୍ତେ ଏହି ଡ୍ରେସ୍‌ର ମାୟାରେ ପଡିଥିବା ଲକ୍ଷ୍ୟ କରାଯାଏ...**

ଟି ଲେଙ୍ଗ୍‌ଥ ଡ୍ରେସ୍‌ର ଲମ୍ବା ସାଧାରଣତଃ ଆଣ୍ଠୁ ତଳକୁ ହେଲେ ଗୋଇଠି ଉପରକୁ ରହିଥାଏ। ବିଶେଷ କରି ଏହାର ଏକ ଭଲ ଗୁଣ ହେଲା, ଏହା ନା ବେଶି ଓପନ୍ ହୋଇଥାଏ ନା ଶରୀରକୁ ସମ୍ପୂର୍ଣ୍ଣ କଭର୍ କରିକି ରଖିଥାଏ। ତା'ଛଡ଼ା ଏହି ଡ୍ରେସ୍‌ର ଲମ୍ବା ଗୋଇଠି ଉପରକୁ ରହୁଥିବାରୁ ଏହାର ତଳଭାଗରେ ସହଜରେ ମଇଳା ଲାଗେ ନାହିଁ। ଫଳରେ ଏହାକୁ ପିନ୍ଧିଲେ କମ୍ଫଟେବୁଲ ଲାଗିବା ସହ କ୍ଲାସି ଲୁକ୍ ମିଳିଥାଏ। ଏପରିକି ବର୍ଷାଦିନେ ବି ଚାହିଁଲେ ଏହାକୁ ଆରାମରେ ପିନ୍ଧିହୁଏ। ଖାସ୍ ଏହିସବୁ କାରଣ ପାଇଁ ବଲିଉଡ୍ ଡିଭାମାନଙ୍କୁ ମଧ୍ୟ ଅନେକ ଥର ଟି ଲେଙ୍ଗ୍‌ଥ ଡ୍ରେସ୍ ପିନ୍ଧି ଫଟୋ ପୋଜ୍ ଦେଉଥିବାର ଦେଖିବାକୁ ମିଳିଥାଏ। ଆସନ୍ତୁ ଜାଣିବା ଟି ଲେଙ୍ଗ୍‌ଥ ଡ୍ରେସ୍‌ର କ'ଣ ସବୁ ଲାଟେଷ୍ଟ ଫ୍ୟାଶନ ଚାଲିଛି...

**ସିମ୍ପଲ୍ ଟି ଲେଙ୍ଗ୍‌ଥ ଡ୍ରେସ୍:** ମାର୍କେଟ୍‌ରେ ପିୟୋର୍ କଟନ୍‌ର ଖୁବ୍ ସୁନ୍ଦର ସୁନ୍ଦର ସିମ୍ପଲ ଟି ଲେଙ୍ଗ୍‌ଥ ଡ୍ରେସ୍ ମିଳୁଛି। ଏହାକୁ ଆପଣ ଚାହିଁଲେ ରେଗୁଲାର୍ ବ୍ୟବହାର କରିପାରିବେ ନଚେତ୍ ଅଫିସ୍‌କୁ ମଧ୍ୟ ପିନ୍ଧି ଯାଇପାରିବେ। ଏ ଷ୍ଟାଇଲ୍‌ର ଡ୍ରେସ୍ ସୋବର୍ ଲୁକ୍ ଦେଇଥାଏ।

**ଫ୍ଲୋରାଲ୍ ପ୍ରିଣ୍ଟ:** ଏହି ପ୍ରିଣ୍ଟର ଟି ଲେଙ୍ଗ୍‌ଥ ଡ୍ରେସ୍ ଷ୍ଟାଇଲିଶ୍ ଲୁକ୍ ଦେବା ସହ ଟ୍ରେଣ୍ଡି ବି ଲାଗିଥାଏ। ତା'ଛଡ଼ା ଏହି ଡ୍ରେସ୍ ପିନ୍ଧି ଆପଣ କାଜୁଆଲ୍ ଆଉଟିଂରେ କିମ୍ବା ଶପିଂ ପାଇଁ ବି ଯାଇପାରିବେ।

**ୱାନ୍ ସୋଲ୍ଡର୍ :** ଯଦି କୌଣସି ପାର୍ଟି ଫଙ୍କଶନ୍‌କୁ ସର୍ଟ ଲେଙ୍ଗ୍‌ଥ ଡ୍ରେସ୍ ପିନ୍ଧିକି ଯିବାକୁ ଆଣପଙ୍କୁ ପସନ୍ଦ ନ ଥାଏ, ତା'ହେଲେ ସେ କ୍ଷେତ୍ରରେ ବ୍ରାଇଟ୍ କଲର୍‌ର ୱାନ ସୋଲ୍ଡର୍ ଟି ଲେଙ୍ଗ୍‌ଥ ଡ୍ରେସ୍ ଭଲ ଅପ୍ସନ ହୋଇପାରିବ। ଏହା କମ୍ଫଟେବଲ୍ ଲାଗିବା ସହ ଷ୍ଟାଇଲିଶ୍ ବି ଲାଗିବ।

**ଅଫ୍ ସୋଲ୍ଡର୍:** ଅଫ୍ ସୋଲ୍ଡର୍ ଟି ଲେଙ୍ଗ୍‌ଥ ଡ୍ରେସ୍ ଯୁବତୀଙ୍କୁ ଆଟ୍ରାକ୍ଟିଭ୍ ଲୁକ୍ ଦେଇଥାଏ। ତା'ଛଡ଼ା ଏହି ଡ୍ରେସ୍ ସହିତ ଟିକେ ଗର୍ଜିୟସ୍ ଇୟର ରିଂକୁ ମ୍ୟାଚିଂ କରି ପିନ୍ଧିଲେ ଲୁକ୍ ଆହୁରି ଗର୍ଜିୟସ୍ ଲାଗିଥାଏ।

**ବଡି ଫିଟିଙ୍ଗ୍:** ସ୍ଲିମ୍ ଟ୍ରିମ୍ ଯୁବତୀଙ୍କୁ ବଡି ଫିଟିଙ୍ଗ୍ ଟି ଲେଙ୍ଗ୍‌ଥ ଡ୍ରେସ୍ ସ୍ମାର୍ଟ ଲୁକ୍ ଦେଇଥାଏ। ବିଶେଷକରି ସାଙ୍ଗସାଥୀ କିମ୍ବା ପରିବାର ସଦସ୍ୟଙ୍କ ସହିତ ଆଉଟିଂରେ ଗଲାବେଳେ ଏହି ଡ୍ରେସ୍‌କୁ ଟ୍ରାଏ କଲେ, କମ୍ଫଟେବଲ୍ ଲାଗିଥାଏ।





# ହସ୍ତଶିଳ୍ପର କାରୀଗର






ଦିନ ଥିଲା ସାତଦରିଆ ତେର ନଈ ପାରହୋଇ ସାଧବମାନେ ଯାଉ ଥିଲେ ବାଣିଜ୍ୟ କରିବାକୁ ବିଦେଶକୁ । କିନ୍ତୁ ସମୟ ଏବେ ବଦଳିଛି। ଅର୍ଡରଦେଲେ ହାତ ପାହାନ୍ତାରେ ମିଳିଯାଉଛି ଦେଶବିଦେଶର ବିଭିନ୍ନ ବ୍ୟବହାରିକ ସାମଗ୍ରୀ। ଏହିଭଳିଭାବେ ଦେଶୀ ହାତବୁଣା ହେଉ କି ପାରମ୍ପରିକ ହସ୍ତକଳାରେ ହୋଇଥିବା ଡିଜାଇନର ଚାହିଦା ବି ଏବେ ବଢିପାରିଛି। ଆଉ ଏପରି ହସ୍ତଶିଳ୍ପ ସାମଗ୍ରୀର ବ୍ୟବସାୟ ଯୋଗୁ ଦେଶ ଓ ରାଜ୍ୟର ଭିନ୍ନ ପରିଚୟ ସୃଷ୍ଟି ହୋଇଛି। ପାରମ୍ପରିକ କଳାକୃତିର ନୂଆନୂଆ ଡିଜାଇନର ବିଭିନ୍ନ ବସ୍ତ୍ର ଓ ଗାରମେଣ୍ଟ ପୋଷାକପତ୍ରର ଚାହିଦା ଏବେ ଦେଶବିଦେଶରେ ବଢୁଛି। ପାରମ୍ପରିକ କଳାରେ ଆଧୁନିକତାର ଛାପ ତଥା ବିଭିନ୍ନପ୍ରକାରର ନୂଆ ଡିଜାଇନ୍ ପ୍ରସ୍ତୁତି କରି ଓଡିଶାର ଜଣେ ଯୁବକ ଏବେ ବେଶ୍ ପରିଚିତି ହାସଲ କରିଛନ୍ତି। ସେ ହେଲେ ସନ୍ଦିପ ସାହୁ। ଘର ଭୁବନେଶ୍ୱର ବରଗଡ଼ ବ୍ରିଟ୍‌କଲୋନିରେ। ସେ କୁହନ୍ତି ମୋର ପ୍ରାଥମିକ ଶିକ୍ଷା ବିଜେଇଏମ୍ ସ୍କୁଲରେ ହୋଇଥିଲା। ପରେ ବିଜେବିରେ +୨ ସାରିଲି। ଏହାପରେ ଦିଲ୍ଲୀରେ ଯାଇ ସି.ଏ. ପଢିଥିଲି। ଚାଟାର୍ଡ ଆକାଉଣ୍ଟିଂ କରି ଦିଲ୍ଲୀସ୍ଥିତ ଏକ ଘରୋଇ କମ୍ପାନୀରେ ବ୍ୟବସାୟିକ ପରାମର୍ଶଦାତା ଭାବେ ନିଯୁକ୍ତି ପାଇଲି। ଏହା ସହିତ ପାଠପଢ଼ା ବି ଚାଲିଥାଏ। ସମୟକ୍ରମେ ଓଡ଼ିଶାର ହସ୍ତଶିଳ୍ପ ଓ ହସ୍ତତନ୍ତର ମୋହ ମୋତେ ଟାଣି ଆଣିଲା। କିନ୍ତୁ କରୋନା ମହାମାରୀ ସମୟରେ ଓଡ଼ିଶା ଫେରିଆସିଲି । କିଛି ଗୋଟେ ନୂଆ ସଂସ୍ଥାଟିଏ ଗଢ଼ିବା ପାଇଁ ଚିନ୍ତାକଲି। ଏଥିପାଇଁ ମୋ ପାଠକୁ ସୁହାଇଲାପରି କାର୍ଯ୍ୟପନ୍ଥା ବାଛିଲି। ବିଜ୍‌ନେସ କ୍ଷେତ୍ରରେ ମୋର କିଛି ଅଭିଜ୍ଞତା ଥିବାରୁ ଓଡ଼ିଶାର କେତେକ ପାରମ୍ପରିକ ଗ୍ରାମୀଣ ହସ୍ତଶିଳ୍ପ ଓ କାରିଗରି କ୍ଷେତ୍ରକୁ ନଜରରେ ରଖି ବୁଣାକାର କାରିଗରମାନଙ୍କ ସହିତ ଯୋଡ଼ିହେଲି। ପ୍ରଥମେ କେତେଜଣ ହସ୍ତଶିଳ୍ପ ବୁଣାକାର କାରିଗରଙ୍କୁ ନେଇ ବିଭିନ୍ନ ଶାଢ଼ି, ଅନ୍ୟାନ୍ୟ ବସ୍ତ୍ର ତିଆରି କରିଥିଲୁ। ତାହାକୁ ଅନ୍ତର୍ଜାତୀୟ ବଜାରରେ ସୁପରିଚିତ ଏବଂ ମାର୍କେଟିଂର ସୁବିଧା କରିବା ଉଦ୍ଦେଶ୍ୟରେ ନିଷ୍ଠାର ସହିତ ପରିଶ୍ରମ କରିଲି। ଓଡ଼ିଶାରେ ଏକ ଷ୍ଟାର୍ଟଅପ୍ ସଂସ୍ଥା -ଇଣ୍ଡିଆନ ଭିଲେଜ ୨୦୧୯ରେ ଆରମ୍ଭ କରିଛି। ଏଥିପାଇଁ ପ୍ରଥମେ ୧୦ଲକ୍ଷ ଟଙ୍କା ଖଟାଇଥିଲି। କିଛି ଦିନ ମଧ୍ୟରେ ଏକ ପରିଚୟ ମିଳିଲା। ମନରେ ଅଧିକ ଆଗ୍ରହ ସୃଷ୍ଟି ହେଲା। କିପରି ଦେଶବିଦେଶରେ ଏହାର ବ୍ୟବସାୟ ହୋଇପାରିବ ସେଥିପାଇଁ ବି ଚିନ୍ତା କଲି। କେତେଜଣ ଜଣାଶୁଣା ଜାତୀୟ ଓ ରାଜ୍ୟ ପୁରସ୍କାରପ୍ରାପ୍ତ ବୁଣାକାର ଓ ଶିଳ୍ପୀଙ୍କୁ ଏଥିରେ ସାମିଲ କରାଇଲି। ସେମାନଙ୍କ ସହଯୋଗରେ ଓଡ଼ିଶାର ପାରମ୍ପରିକ ହସ୍ତତନ୍ତ ଓ ହସ୍ତଶିଳ୍ପର ପ୍ରଚାର ପ୍ରସାର ତଥା କାରିଗରଙ୍କୁ ସ୍ୱାବଲମ୍ବୀ କରିବା ପାଇଁ କ୍ଷେତ୍ର ସୃଷ୍ଟିହେଲା। ସୁବର୍ଣ୍ଣପୁର, ନୂଆପଡ଼ା, ମୟୂରଭଞ୍ଜ, ଜଗତ୍‌ସିଂହପୁର, କୋରାପୁଟ, ମାଣିଆବନ୍ଧ ଆଦି ବିଭିନ୍ନ ଜାଗାରେ ଏକାଧିକ କ୍ଲଷ୍ଟର ନିର୍ମିତ ହୋଇପାରିଛି। ପ୍ରାୟ ୫ଶହ ବୁଣାକାର କାରିଗରଙ୍କୁ ରୋଜଗାର ବି ମିଳିପାରୁଛି। ବର୍ତ୍ତମାନ– ସମ୍ବଲପୁରୀ, ବ୍ରହ୍ମପୁରୀ, କୋଟପାଡ଼, ଖଣ୍ଡୁଆ, ଡଙ୍ଗରିଆ ଆଦି ହସ୍ତଶିଳ୍ପ ସହ ଡୋକ୍ରା, ଟେରାକୋଟା, ପଟଚିତ୍ର ଆଦି ହସ୍ତଶିଳ୍ପ ଓ ହସ୍ତତନ୍ତରେ ଆଧୁନିକତାର ଛୁଙ୍କ ଦେଇ ସିଙ୍ଗାପୁର, ୟୁଏସ, ଅଷ୍ଟ୍ରେଲିଆ ଆଦି ବିଦେଶରାଷ୍ଟ୍ରକୁ ଅନ୍‌ଲାଇନରେ ଅର୍ଡରକରି ବିଭିନ୍ନ ଶାଢ଼ି ଓ ପୋଷାକପତ୍ରକୁ ଅନ୍ତର୍ଜାତୀୟ ବଜାରରେ ବିକ୍ରି ହୋଇପାରୁଛି। ଏଥିପାଇଁ ଭିନ୍ନ ପରିଚୟ ମିଳୁଛି।

–ବନବିହାରୀ








## ଇସ୍ତାହାର

-ସବ୍ୟସାଚୀ ବିଷୋୟୀ

ଆଜି ମୌସୁମୀ ଛୁଇଁଲା ଆମ ଗାଁକୁ
ଭେଜାଲ ମାଟିରେ ନିର୍ଭେଜାଲ ପ୍ରେମ
ଅଜାଡ଼ି ଦେଲା ଆକାଶ
ବୁନ୍ଦା ବୁନ୍ଦା ବର୍ଷାରେ
ଟୋପା ଟୋପା ଲୁହରେ
ଅଙ୍କା ହେଲା ଧାନ କ୍ଷେତର ନକ୍ସା

ଅଦା ଭୁଇଁର ବାସ୍ନାରେ ଚହଟିଗଲା
ସୁଁ... ସୁଁ... ପବନ
ଦେଖୁ ଦେଖୁ ଅକାଳରେ
ନଦୀ କଲା ଗର୍ଭପାତ
ବିରହ ଯନ୍ତ୍ରଣାରେ ଛଟପଟ ଗଛଡାଳ ମାନେ
ଶ୍ରାବଣ ଯେ ଆସେ ଋତୁଚକ୍ର କ୍ରମଶଃରେ
ଅଣ୍ଡାଳି ଅଣ୍ଡାଳି ବର୍ଷା ଋତୁ
ମୌସୁମୀ ଆସେ ମେଘର ମଲାଟେ
ବୁହାଇ ଜଳଧାରାକୁ
ଆଉ ତୁମେ ଆସ ମୋ ନିଛାଟିଆ
ଗାଁ ଅଗଣାରେ
କେବେ ଶ୍ରାବଣ କେବେ ମୌସୁମୀ ହୋଇ
ମତେ ଦଗ୍ଧ ବିଦଗ୍ଧ କରିବାକୁ....

ହଁ କଥା ଥିଲା ତୁମେ ଆସିବ
ରଜନୀଗନ୍ଧାରେ ହିଁ ନୁହେଁ
ଟଗରରେ ବି ବାସିବ
ବିନ୍ଦୁରେ ବି ମୋ ସିନ୍ଧୁଏ ଶୋଷକୁ ଶୋଷିବ
ମୁଁ ଯେ ଆଜନ୍ମ ତୃଷାର୍ତ୍ତ ମରିଚୀକା
ତୁମେ ଝରା ଶ୍ରାବଣରେ
ବିଜୁଳି ହୋଇ ଖସିଲ.....

ଏଥର ଆସିବା ଆଗରୁ ଇସ୍ତାହାର ଦିଅ
ମୁଁ ଭୋଗିବାକୁ ପ୍ରସ୍ତୁତ ଥିବି
ତୁମ ଶୁଖିଲା ପ୍ରେମର ଆଦ୍ରତା.....

-କନ୍ଧମାଳ,ନବରଙ୍ଗପୁର
ମୋ : ୯୩୪୮୩୩୮୬୭

## ମହାତ୍ମାଙ୍କ ଛାଇ

-ଓଁ ଅଭିଜ୍ଞାନ ସାହୁ

ଅଫିସକୁ ଆସି ଥମ୍ କରି ଚୌକିରେ ବସିଗଲେ ବଡ଼ ବାବୁ । ମନ ଭଲ ଲାଗୁନି । ବୁଲିପଡ଼ି ଥରେ ଅନେଇ ଦେଲେ ନିଜ ପଛପଟ କାନ୍ଥରେ ଟଙ୍ଗା ହୋଇଥିବା ଗାନ୍ଧିଜୀଙ୍କ ଫଟୋକୁ । ଯେବେଠୁଁ ସରକାରୀ ନିର୍ଦ୍ଦେଶନାମା ଆସିଲାଣି ସବୁ ସରକାରୀ ଅଫିସରେ ଗାନ୍ଧିଜୀଙ୍କ ଫଟୋ ଏଣିକି ରହିବ, ସେବେଠୁ ସବୁ ଅଫିସରେ ଗାନ୍ଧିଜୀଙ୍କ ଆଉଁଆ ମୁହଁର ହସ ହସ ଫଟୋ କାନ୍ଥରେ ଶୋଭା ପାଇଲାଣି । ଆଖିକୁ ଆଖି ମିଳିଗଲା ଭଳି ସିଧା ଫଟୋ କ୍ଲିଟ ରହୁଛି । କାଳୀଙ୍କ ମୂର୍ତ୍ତି ଗଢିଲାବେଳେ ଶିଳ୍ପୀ ଜାଣିଶୁଣି କାଳୀଙ୍କ ଆଖିର ଚାହାଣୀକୁ ନିମ୍ନଗାମୀ ରଖିଥାନ୍ତି । କଥିତ ଅଛି କାଳୀଙ୍କ ନଜର ଯାହା ଉପରେ ପଡିବ ସେ ଧ୍ୱଂସ ପାଇଯିବ । ସେହି କାରଣରୁ ବୋଧେ ଗାନ୍ଧିଜୀଙ୍କ ମୁହଁକୁ ସାମ୍ନାସାମ୍ନି କରାହୋଇନି କାଳେ ଅଫିସରେ ଚାଲିଥିବା ଦୋ'ନମ୍ବରୀ କାରବାରରେ ତାଙ୍କ ଆତ୍ମା ଦୁଃଖ ପାଇବ ; ଯାହା ବି ହେଉ ଗାନ୍ଧିଜୀଙ୍କ ପ୍ରତି ସମ୍ମାନ ଏବେ ବି ସମସ୍ତଙ୍କର ଅତୁଟ ରହିଛି । ଅଫିସଟା ଯାକ ବିଭିନ୍ନ ଦେବଦେବୀ, ଆଲମାରୀ, ପୁରୁଣା କ୍ୟାଲେଣ୍ଡରରେ ଭର୍ତ୍ତି ହୋଇଯାଇଥିଲାବେଳେ କେବଳ ବଡ଼ବାବୁଙ୍କ ଚୌକି ପଛପଟ କାନ୍ଥରେ କିଛି ଜାଗା ଫାଙ୍କା ପଡ଼ିଥିଲା । ଅଗତ୍ୟା ଅଫିସକୁ ଯୋଗେଇ ଦିଆଯାଇଥିବା ଗାନ୍ଧିଜୀଙ୍କ ହସ ହସ ଫଟୋଟି ସେଇଠି ବିରାଜମାନ କଲେ । ଯେବେଠୁ ରହିଲେଣି ଗାନ୍ଧିଜୀ ସେଇ କାନ୍ଥରେ ସେବେଠୁ ବଟି ନେବାକୁ ଅସହଜ ଲାଗୁଚି ବଡ଼ବାବୁଙ୍କୁ । ମହରଗ ଯୁଗରେ ଦରମା ଗଣ୍ଡାକ ପାନଖିଲ ଭଳି କେଉଁ କଳକୁ ଜାକି ହୋଇଯାଉଛି ସଂସାର ରଥ ଚଳେଇଲାବେଳେ । ତେତିଶ କୋଟି ଦେବତାଙ୍କୁ ଗୁହାରୀ କରି ସେ ଲାଞ୍ଚକୁ ଦେହସୁହା କଲେ ସିନା ନିଶ୍ଚିନ୍ତ ହୋଇପାରନ୍ତିନି । ଅଫିସରେ ଲାଗିଥିବା ଅନ୍ୟ ଠାକୁରଙ୍କର କ୍ୟାଲେଣ୍ଡର ପରି ଗାନ୍ଧିଜୀଙ୍କ ଫଟୋକୁ ଗୋଟେ କ୍ୟାଲେଣ୍ଡର ଭାବରେ ଗ୍ରହଣ କରିପାରୁନାହାନ୍ତି ସେ । ଅଫିସରେ ଭିଡ଼ ପତଳା ଅଛି । ଅଫିସ ସମୟ ଗଡିଗଲାଣି ଅନେକ ଷ୍ଟାଫ ଆସିନାହାଁନ୍ତି



ଏଯାଏଁ। ଆଚାର୍ଯ୍ୟ ମହାଶୟଙ୍କୁ ଖୁସି କରେଇବା ପାଇଁ ରାଜୁ ବାବୁ ଅନ୍ୟାନ୍ୟ ସହଯାତ୍ରୀଙ୍କ ଭଳି ବଦାନ୍ୟତା ଦେଖେଇଲେନି ବୋଲି ପଡିଥିଲେ ହାଇସ୍କୁଲ ସାହିତ୍ୟ ବହିରେ । ଗାନ୍ଧୀଙ୍କ ଫଟୋକୁ ଅଣଦେଖା କରିବାକୁ କଷ୍ଟ ହେଉଛି ତାଙ୍କୁ । ଫଟୋରେ ଫୁଲ ଚଢେଇବାକୁ ଗଲାବେଳେ ଆପଣାଛାଏଁ ଉତ୍ତୁରେଇ ହୋଇଯାଉଛି ପିନ୍ଧା ଚପଲ । ଦୁର୍ନୀତି କଲେ ଜେଲ ଯାଇନପାର କିନ୍ତୁ ଗାନ୍ଧୀମୂର୍ତ୍ତି ଭାଙ୍ଗିଲେ ମାମୁଁଘର ଯିବା ଥୟ ସେ ଜାଣନ୍ତି । ଆଇନ ଅନୁଶାସନ ଅପେକ୍ଷା ଗାନ୍ଧୀଙ୍କ ନିରୀହ ହସ ଏବଂ ଦୁର୍ନୀତିକୁ ଦେଖି ନଦେଖିବାର ଚାହାଣୀ ବଡ଼ବାବୁଙ୍କୁ ଅତିଷ୍ଠ କରୁଛି। କିଏ ଜାଣୁ ନଜାଣୁ ସିଏ ତ ଜାଣନ୍ତି ଗାନ୍ଧୀ ତାଙ୍କ ଫଟୋ ଭିତରୁ ତାଙ୍କୁ ଦେଖୁଛନ୍ତି । ସେତିକିରେ ପାଚିଲା ପୋଇ ମଞ୍ଜି ଭଳି ତାଙ୍କ ଚିକି କଳିଜାଟି ଚିକ ଚିକ ହୋଇ ବିନ୍ଧିଯାଉଛି ଯନ୍ତ୍ରଣାରେ ।...ସାର୍.. ! କେହି ଜଣେ ଡାକୁଥିବାରୁ ପ୍ରକୃତିସ୍ଥ ହେଲେ ବଡ଼ବାବୁ । ଟେବୁଲ ଆଗରେ ସଦ୍ୟ ରାସ୍ତା କାମ ସାରିଥିବା କଣ୍ଟ୍ରାକ୍ଟର ମଳିକବାବୁ ହାତରେ ଧରିଥିବା ମୋଟା ଲଫାଫାଟା ବଡ଼ବାବୁଙ୍କୁ ବଢେଇ କହିଲେ ,ପୂଜା ସମୟ ଆଜ୍ଞା । ଟିକେ ବିଲ୍‌ଟା ଶୀଘ୍ର ପାସ କରେଇ ଦିଅନ୍ତୁ । ଚିଡ଼ି ଚିଲେଇ ଦେଲେ ବଡ଼ବାବୁ । ଉଠା ଉଠା ଏଇଟାକୁ । ଖବରଦାର ଏମିତି କିଛି ଚେଷ୍ଟା ଏଣିକି କରିବନି ମୋ ଟେବୁଲ ପାଖରେ । ଦେଖାଯାଉନି ମୋ' ପଛରେ ଗାନ୍ଧୀ ଅଛନ୍ତି ! ହାଁ କରି ଲଫାପାଟା ଧରି ଠିଆ ହୋଇଥିଲେ ମଳିକ ବାବୁ ।

-ବନମାଳୀ ଭବନ, ଖାନ ନଗର , କଟକ
ମୋ: ୯୪୩୭୦୧୦୭୫୮

## ପ୍ରେମ

-ବିଚିତ୍ରା ଦାଶ

ତମର କଳାରଙ୍ଗ ପ୍ରିୟ ବୋଲି
ମୁଁ ଏବେଏବେ ତା'ରି ପ୍ରେମରେ
ତା' କୋମଳ ବାସ୍ନାରେ
ଖୋଜୁଥାଏ କାଳି ଅନ୍ଧାରକୁ
ଜହ୍ନର ସେ ତୋଫା ଆଲୁଅରେ !!!

– ଇନ୍ଦ୍ରଦ୍ୟୁମ୍ନ ଛକ, ପୁରୀ,
ମୋ:୯୪୩୮୫ ୦୪୫୮୯



# ନଭେମ୍ବରକୁ ଅପେକ୍ଷା


ସିଦ୍ଧାର୍ଥ-ଶରୱରୀ

ଯାହାହେଉ ଶେଷରେ ଫିଲ୍ମଟିର ରିଲିଜ ଡେଟ୍ ଫାଇନାଲ ହୋଇଛି। ଏହି ଚିତ୍ରଟି ଚଳିତବର୍ଷ ନଭେମ୍ବର ୧୯ରେ ପରଦା ଉପରକୁ ଆସିବ। ଆଉ ସେହି ସିନେମାଟି ହେଲା 'ବଣ୍ଟି ଔର ବବଲି-୨'। ଯଶରାଜ ଫିଲ୍ମସ ବ୍ୟାନରରେ ଏହାର ସମସ୍ତ କାମ ଶେଷ ହୋଇଥିଲେ ମଧ୍ୟ କରୋନା ପାଇଁ ତାହା କେବେ ମୁକ୍ତିଲାଭ କରିବ ତାହା ସ୍ଥିର ହୋଇପାରୁ ନ ଥିଲା। ଶେଷରେ ପ୍ରଯୋଜନା ସଂସ୍ଥା ପକ୍ଷରୁ ଏହାର ଫାଇନାଲ ରିଲିଜ ତାରିଖ ଘୋଷଣା କରାଯାଇଛି। ଚିତ୍ରଟି ପ୍ରେକ୍ଷାଳୟରେ ହିଁ ମୁକ୍ତିଲାଭ କରିବ। ଆଦିତ୍ୟ ଚୋପ୍ରା ଏହାର କାହାଣୀ ରଚନା କରିଥିବା ବେଳେ ତାହାକୁ ଆଧାର କରି ଚିତ୍ରନାଟ୍ୟ ଲେଖିଛନ୍ତି ବରୁଣ ଭି. ଶର୍ମା। କ୍ରାଇମ୍-କମେଡି କାହାଣୀକୁ ନେଇ ଫିଲ୍ମଟି ନିର୍ମିତ ହୋଇଛି। ଏଥିରେ ସୈଫ ଅଲ୍ଲୀ ଖାଁ (ସିନିୟର ବଣ୍ଟି), ରାଣୀ ମୁଖାର୍ଜୀ (ସିନିୟର ବବଲି), ସିଦ୍ଧାର୍ଥ ଚତୁର୍ବେଦୀ (ଜୁନିୟର ବଣ୍ଟି) ଏବଂ ଶରୱରୀ ବାଘ (ଜୁନିୟର ବବଲି) ଭୂମିକାରେ ଅଭିନୟ କରିଛନ୍ତି। ଏହି ଫିଲ୍ମର ନିର୍ଦ୍ଦେଶନା ଦେଇଛନ୍ତି ବରୁଣ ଭି. ଶର୍ମା। ଖାସ୍ କଥା ହେଲା ଶରୱରୀ ପ୍ରଥମ ଥର ପାଇଁ ନାୟିକା ସାଜୁଛନ୍ତି। ବଲିଉଡ୍‌ର ଅନ୍ୟତମ ବଡ ବ୍ୟାନରରେ ଏପରି ସୁଯୋଗକୁ ନେଇ ସେ କହନ୍ତି, 'ମୁଁ କେବେ କଳ୍ପନା କରି ନ ଥିଲି ଯେ, ଯଶରାଜ ପରି ନାମୀ ବ୍ୟାନରରେ ମୋତେ ଚାନ୍ସ ମିଳିବ। ଏଥିରେ ନିଜ ଭୂମିକା ପାଇଁ ବେଶ୍ ପରିଶ୍ରମ କରିଛି। ଭବିଷ୍ୟତରେ କୌଣସି ନୂଆ ଅଫର ମିଳିଲେ ତାହାକୁ ଭଲ ଭାବରେ ତର୍ଜମା କରିବି।' ଏହି ଫିଲ୍ମର ଶୁଟିଂ ୨୦୧୯ରେ ଆରମ୍ଭ ହୋଇଥିଲା। ଅନ୍ୟପକ୍ଷରେ ବରୁଣ ପ୍ରଥମ ଥର ପାଇଁ ନିର୍ଦ୍ଦେଶନା ଦେଉଛନ୍ତି।


ଶାହୀଦ


## ଶହେ ଥର ରିଜେକ୍ସନ ପରେ..

ଶାହୀଦ କପୁରଙ୍କ ପ୍ରଥମ ସିନେମା ଥିଲା 'ଇସ୍କ ଭିସ୍କ'। କିନ୍ତୁ ବଲିଉଡ୍‌ରେ ଏଣ୍ଟ୍ରି କରିବା ପୂର୍ବରୁ ତାଙ୍କୁ ବେଶ୍ କିଛି କଠିନ ପରିସ୍ଥିତିର ସାମନା କରିବାକୁ ପଡିଥିଲା। ସେ ଗୋଟିଏ ପରେ ଗୋଟିଏ ଅଡିସନ୍ ଦେଇଚାଲିଥିଲେ। ହେଲେ କେଉଁଥିରେ କୃତକାର୍ଯ୍ୟ ହୋଇ ନ ଥିଲେ। ଏମିତିକି ନିଜର ଡେବ୍ୟୁ ଫିଲ୍ମ ପୂର୍ବରୁ ଶାହୀଦଙ୍କୁ ପାଖାପାଖି ୧୦୦ଟି ଚଳଚ୍ଚିତ୍ରରେ ରିଜେକ୍ଟ କରାଯାଇଥିଲା। ହେଲେ ଏ ନେଇ ସେ ଭାଙ୍ଗି ପଡି ନ ଥିଲେ। ନିଜ କ୍ୟାରିୟରର ଏପରି ସମୟ ବିଷୟରେ ଶାହୀଦ କହନ୍ତି, 'ପଙ୍କଜ କପୁରଙ୍କ ପୁଅ ବୋଲି ରାତାରାତି ମୁଁ ଷ୍ଟାର ହେଇଯାଇନି। ବରଂ ଅନେକ କଷ୍ଟ ଓ ସଂଘର୍ଷ କରିବାକୁ ପଡିଛି। ବେଳେବେଳେ ତ ଖାଇବାକୁ କି ଅଡିସନ୍ ଦେବାକୁ ବି ପାଖରେ ଟଙ୍କା ନ ଥିଲା। ହେଲେ ମୁଁ ଭାଙ୍ଗି ନ ପଡି ଧୈର୍ଯ୍ୟର ସହ ଅପେକ୍ଷା କରିଥିଲି। ହିନ୍ଦୀ ସିନେମାରେ ନାୟକ ସାଜିବା ପୂର୍ବରୁ ଶାହୀଦ ସୁବାସ ଘାଇଙ୍କ 'ତାଲ୍' ଏବଂ ଯଶ ଚୋପ୍ରାଙ୍କ 'ଦିଲ୍ ତୋ ପାଗଲ୍ ହେ'ରେ ବ୍ୟାକଗ୍ରାଉଣ୍ଡ ଡ୍ୟାନ୍ସର ଭାବରେ ବି ନାଚିଥିଲି।' ଶାହୀଦ କଦାପି ଆମିଷ ଖାଆନ୍ତି ନାହିଁ। ବହି ପଢ଼ିବା ତାଙ୍କର ଆଉ ଏକ ହବି। ଏବେ ସେ ଅଭିନୟ କରିଥିବା ସିନେମା 'ଜର୍ସି' ଚଳିତବର୍ଷ ଡିସେମ୍ବର ୩୧ରେ ରିଲିଜ ହେବାକୁ ଯାଉଛି।

## କେବଳ ଗୀତ ପାଇଁ..


ସୋନାକ୍ଷୀ

'ଦବଙ୍ଗ' ଗର୍ଲ ସୋନାକ୍ଷୀ ସିହ୍ନାଙ୍କୁ ନେଇ ଏବେ ଚର୍ଚ୍ଚା। ଯା ପଛରେ ସେମିତି କାରଣ ମଧ୍ୟ ରହିଛି। କଥା କ'ଣ କି ସେ ନିକଟରେ ଏକ ନୂଆ ସିନେମା ସାଇନ୍ କରିଛନ୍ତି। ଏଥିରେ ସଂଯୋଜିତ ଗୀତଗୁଡିକୁ ଶୁଣିବା ପରେ ସେଗୁଡିକରେ କିପରି ଠିକ୍ ଭାବରେ ଡ୍ୟାନ୍ସ କରିପାରିବେ ସେଥିପାଇଁ ପ୍ରାକ୍ଟିସ ଆରମ୍ଭ କରିଦେଇଛନ୍ତି। ପୁଣି ଏଥିପାଇଁ ସେ ନିଜକୁ ଏମିତି ନିୟୋଜିତ କରିଛନ୍ତି ଯେ, ନିଜର କେତେକ ଗୁରୁତ୍ୱପୂର୍ଣ୍ଣ କାମକୁ କ୍ୟାନସେଲ୍ କରିବାକୁ ବାଧ୍ୟ ହୋଇଛନ୍ତି। ଏ ସମ୍ପର୍କରେ ସୋନାକ୍ଷୀ କହନ୍ତି, 'ଏହି ଫିଲ୍ମର ଟାଇଟଲ୍ ଫାଇନାଲ୍ ହୋଇନାହିଁ। ହେଲେ ଏହାର ଗୀତଗୁଡିକ ମୋ ମନକୁ ଛୁଇଁ ପାରିଛି। ତେଣୁ ସେଗୁଡିକୁ କିପରି ଶତ ପ୍ରତିଶତ ଜଷ୍ଟିସ୍ ଦେବି ସେ ନେଇ ପ୍ରାକ୍ଟିସ ଆରମ୍ଭ କରିଦେଇଛି। ଏହି ଅନଟାଇଟଲଡ୍ ଫିଲ୍ମରେ ଦର୍ଶକ ମୋତେ ଏକ ରୋମାଣ୍ଟିକ ଭୂମିକାରେ ଦେଖିବାକୁ ପାଇବେ।' ତେବେ ଏଥିରେ ସୋନାକ୍ଷୀଙ୍କ ଡ୍ୟାନ୍ସ ଦର୍ଶକଙ୍କୁ କେତେ ପ୍ରଭାବିତ କରୁଛି ତାହା ଜାଣିବା ପାଇଁ କେବଳ ଫିଲ୍ମଟି ରିଲିଜ ହେବା ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ପଡିବ।


ଅକ୍ଷୟ କୁମାର-କ୍ୟାଟ୍ରିନା

## ପ୍ରଶଂସା କରିବ ଏମିତି

ସତରେ କ୍ୟାଟ୍ରିନାଙ୍କ ଆଇଡିଆକୁ ମାନିବାକୁ ପଡିବ। ଦେଖୁନାହାନ୍ତି ସେ କେମିତି ଖିଲାଡି ମାଷ୍ଟର ଅକ୍ଷୟ କୁମାରଙ୍କର ଭୂରି ଭୂରି ପ୍ରଶଂସା କରିବୁଲୁଛନ୍ତି। କଥା କ'ଣ କି ଦୁହେଁ ଅଭିନୟ କରିଥିବା 'ସୂର୍ଯ୍ୟବଂଶୀ' ଚଳିତବର୍ଷ ଦୀପାବଳିରେ ରିଲିଜ ହେବାକୁ ଯାଉଛି। ନିକଟରେ ଏହାର ପ୍ରମୋ ସମୟରେ ଅକ୍ଷୟଙ୍କୁ ପ୍ରଶଂସାରେ ପୋତି ପକାଇଥିଲେ କ୍ୟାଟ୍ରିନା କୈଫ। ଆଉ ସେସବୁ ଶୁଣି ଅକ୍ଷୟ କେବଳ ମୁରୁକି ମୁରୁକି ହସୁଥିଲେ। ଏ ନେଇ କ୍ୟାଟ୍ରିନା କହନ୍ତି, 'ଅକ୍ଷୟ ଜଣେ ଭଲ ତଥା ଅଭିଜ୍ଞ ଅଭିନେତା। ତାଙ୍କ ସହ ସ୍କ୍ରିନ୍ ସେୟାର କରିବାର ମଜା ଅଲଗା। କେବଳ ସେତିକି ନୁହେଁ, ଆକ୍ଟିଂ ବିଷୟରେ ତାଙ୍କଠାରୁ ଅନେକ କିଛି ଶିଖିଛି। ଏହି ଫିଲ୍ମଟିକୁ ଯେମିତି ଦର୍ଶକ ଗ୍ରହଣ କରିବେ ସେଥିପାଇଁ ଆମେ ସମସ୍ତେ ବେଶ୍ ପରିଶ୍ରମ କରିଛୁ। ଆଶା ରଖିଛି, ଆମ ପରିଶ୍ରମର ମୂଲ୍ୟ ସେମାନେ ନିଶ୍ଚୟ ବୁଝିବେ।' ତେବେ ଫିଲ୍ମଟି ରିଲିଜ ହେବା ପରେ ତାହା ଦର୍ଶକଙ୍କୁ କେତେ ପ୍ରଭାବିତ କରୁଛି ତାହା ଦେଖିବାକୁ ବାକି ରହିଲା।

## ଦୃଢ଼ମନା ବାଣୀ


ବାଣୀ

କଥାରେ ଅଛି-ଅପେକ୍ଷାର ଫଳ ମିଠା। ହେଲେ ସେ ପର୍ଯ୍ୟନ୍ତ ଧୈର୍ଯ୍ୟର ସହ ଅପେକ୍ଷା କରିବାର ଅଛି। ଦେଖୁନାହାନ୍ତି ଏ ବର୍ଷ ଶେଷ ହେବାକୁ ଆହୁରି ତିନି ମାସ ଅଛି। ଡିସେମ୍ବର ଦ୍ୱିତୀୟ ସପ୍ତାହ ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ପଡିବ। ତେଣୁ ଏ ନେଇ ନିଜକୁ ମାନସିକ ସ୍ତରରେ ନିଜକୁ ପ୍ରସ୍ତୁତ କରିସାରିଲେଣି ବାଣୀ କପୁର। ଅସଲ କଥା ହେଲା ସେ ଅଭିନୟ କରିଥିବା 'ଚଣ୍ଡିଗଡ କରେ ଆସୀକ' ଚଳିତବର୍ଷ ଡିସେମ୍ବର ୧୦ରେ ପରଦା ଉପରକୁ ଆସିବ। ଏକଥା ଜାଣିବା ପରେ ବାଣୀଙ୍କୁ ଖୁସି ଦେଖେ କିଏ। ଏ ନେଇ ବାଣୀ କହନ୍ତି, 'ଏହି ଫିଲ୍ମର କାହାଣୀ ଦର୍ଶକଙ୍କ ମନକୁ ଛୁଇଁବ ବୋଲି ମୋର ଦୃଢ଼ ବିଶ୍ୱାସ ରହିଛି। ତା'ସହ ଏହାର ଉପସ୍ଥାପନା ସେହି ଅନୁସାରେ ହୋଇଛି। କରୋନା ପାଇଁ ଏହାର ରିଲିଜ ଡେଟ୍ ଫାଇନାଲ ହୋଇପାରୁ ନ ଥିଲା। ଫିଲ୍ମଟି ଏବର୍ଷ ଡିସେମ୍ବର ୧୦ରେ ରିଲିଜ ହେବ। ତେଣୁ ଏଥିପାଇଁ ମୁଁ ଏବେଠାରୁ ଦିନ ଗଣିବା ଆରମ୍ଭ କରିଦେଲିଣି।' 'ଚଣ୍ଡିଗଡ କରେ ଆସୀକ'ରେ ବାଣୀଙ୍କ ନାୟକ ସାଜିଛନ୍ତି ଆୟୁଷ୍ମାନ ଖୁରାନା। ଫିଲ୍ମଟିର ନିର୍ଦ୍ଦେଶନା ଦେଇଛନ୍ତି ଅଭିଷେକ କପୁର।

## ମାମା ଯାହା ଚାହୁଁଥିଲେ..

କଥାରେ ଅଛି-ଏମନ ଖୋଜୁଥାଏ ଯାହା, କାଳେ ପ୍ରାପତ ହୁଏ ତାହା। ଠିକ୍ ସେମିତି ଯେଉଁ ଭୂମିକାରେ ଅଭିନୟ କରିବାକୁ ସେ ମନ ବଳାଇଥିଲେ ତାହା ପୂରଣ ହୋଇଛି। କଥା କ'ଣ କି ନବାଗତା ମାମା ସାମଲ ଖୁବ୍ ଶିଘ୍ର ଜଣେ ସାମ୍ବାଦିକା ଭୂମିକା ଦର୍ଶକଙ୍କ ସାମନାକୁ ଆସିବେ। ଫିଲ୍ମଟି ହେଲା 'ବାଳୀ-ଦ ସେଭିୟର'। ଆଉ ଏପରି ଏକ ଭୂମିକାକୁ ନେଇ ବେଶ୍ ଆଶାବାଦୀ ଅଛନ୍ତି ଏହି ନାୟିକା। ଏ ନେଇ ମାମା କହନ୍ତି, 'ଏହି ଫିଲ୍ମରେ ମୁଁ ଜଣେ ଜର୍ଣ୍ଣାଲିଷ୍ଟ ଭୂମିକାରେ ଅଭିନୟ କରିଛି। ଫିଲ୍ମର କାହାଣୀ ଅନୁସାରେ ମନ ପରି ମନଟିଏ ପାଇବା ପରେ ନିଜ ପ୍ରେମକୁ ସଫଳ କରିବାକୁ ଅଣ୍ଟା ଭିଡିଛି ବାଳୀ। ତା'ସହ ନିଜର ଆଉ ଏକ ଲକ୍ଷ୍ୟ ରହିଛି। ସେହି ଲକ୍ଷ୍ୟ କ'ଣ ଏବଂ ସେ କିପରି ନିଜ ପ୍ରେମକୁ ସଫଳ କରୁଛି ତାହା ଫିଲ୍ମ ଦେଖିଲେ ହିଁ ଜାଣିପାରିବେ। ଏହି ଫିଲ୍ମଟି ଚଳିତବର୍ଷ ଦୀପାବଳୀ ଅବସରରେ ରିଲିଜ ହେବାର ଯୋଜନା ରହିଛି।' ଏହାର ଟାଇଟଲ ଭୂମିକାରେ ଅବତୀର୍ଣ୍ଣ ହୋଇଛନ୍ତି ସୂର୍ଯ୍ୟକାନ୍ତ। ଜଣେ ସାଧାରଣ ଯୁବକ କିପରି ଲୋକମାନଙ୍କର ଦୁଃଖସୁଖରେ ନିଜକୁ ଭାଗୀଦାର କରିପାରୁଛି ଏବଂ ଏଥିପାଇଁ ସବୁ ପ୍ରକାର ଚ୍ୟାଲେଞ୍ଜ ସାହସର ସହ ସାମ୍ନା କରୁଛି ତାହା ଏହି ଫିଲ୍ମରେ ଦେଖିବାକୁ ମିଳିବ। ସୂର୍ଯ୍ୟକାନ୍ତ-ମାମା ଯୋଡ଼ି ବ୍ୟତୀତ ଅଶ୍ରୁମୋଚନ ମହାନ୍ତି, ଚୌଧୁରୀ ଜୟ ପ୍ରକାଶ ଦାସ, ସ୍ମିତା ମହାନ୍ତି, ହରିହର ମହାପାତ୍ର, ଚିନ୍ତାମଣି ବିଶ୍ୱାଳ, ବାପି ରୟ ପ୍ରମୁଖ କଳାକାର ଏଥିରେ ଅଭିନୟ କରିଛନ୍ତି। ସୂର୍ଯ୍ୟକାନ୍ତ ସାମଲଙ୍କ ପ୍ରଯୋଜନାରେ ଏହାର ନିର୍ଦ୍ଦେଶନା ଦେଇଛନ୍ତି କେ. ମୁରଲୀକ୍ରିଷ୍ଣା।


ମାମା

# ପ୍ରଥମ ପାରିଶ୍ରମିକ ଟଙ୍କା ବାପାଙ୍କ ହାତରେ ଦେଇଥିଲି

**ପ୍ରଥମ ରୋଜଗାର**



ନାଟ୍ୟ ନିର୍ଦ୍ଦେଶକ **ଜିତେନ୍ଦ୍ର ପଟ୍ଟନାୟକ** ନିଜ ପ୍ରଥମ ରୋଜଗାର ସମ୍ପର୍କରେ ଯାହା କୁହନ୍ତି...

**ଖୋ**ର୍ଦ୍ଧା ଜିଲା ଦଧିମାଛଗାଡ଼ିଆଠାରେ ମୋ ଜନ୍ମ। ବାପା ପୋଲିସ୍ ବିଭାଗରେ କାର୍ଯ୍ୟ କରୁଥିବାରୁ ତାଙ୍କର ଚାକିରି କ୍ଷେତ୍ରରେ ବାରମ୍ବାର ବଦଳି ହେଉଥିଲା। ତେଣୁ ମୋ ପାଠପଢ଼ା ମଧ୍ୟ ବିଭିନ୍ନ ସ୍କୁଲ୍‌ରେ ହୋଇଥିଲା। ବାପାଙ୍କର ନାଟକ ପ୍ରତି ବି ଥିଲା ଖୁବ୍ ଦୁର୍ବଳତା। ସେ ଯେଉଁଠିକି ଯାଉଥିଲେ ସେଠାରେ କେମିତି ନାଟକ ପରିବେଷଣ ହେବ ସେ ନେଇ ଚେଷ୍ଟା କରିବା ସହ ନିର୍ଦ୍ଦେଶନା ଦେଉଥିଲେ ଓ ଅଭିନୟ ବି କରୁଥିଲେ। ତାଙ୍କୁ ଦେଖି ଦେଖି ମୋର ମଧ୍ୟ ନାଟକ ପ୍ରତି ଆଦର ଆସିଥିଲା। ତେଣୁ ସ୍କୁଲ୍ ପଢ଼ାବେଳୁ ଡ୍ରାମାରେ ଅଭିନୟ କରିବା ଆରମ୍ଭ କରି ଦେଇଥିଲି। ଜଟଣୀ ହାଇସ୍କୁଲ୍‌ରୁ ମାଟ୍ରିକ୍ ପାସ୍ କରି ପି.ଏନ୍. କଲେଜରେ ଆଇ.ଏସ୍‌ସି. ପଢ଼ିଲା ବେଳେ ଯାଆଁଳାରେ ଥିବା ବ୍ରଜସୁନ୍ଦର କଳା ଥିଏଟର୍ ସହ ମୋର ସମ୍ପର୍କ ଗଢ଼ି ଉଠିଥିଲା। ଉକ୍ତ ଥିଏଟର୍ ତରଫରୁ ପରିବେଷଣ ହେଉଥିବା ଅନେକ ନାଟକରେ ମୁଁ ଅଭିନୟ କଲି, ଦର୍ଶକଙ୍କର ପ୍ରଶଂସା ବି ପାଇଲି। ପରେ ନାଟକ କ୍ଷେତ୍ରରେ କ୍ୟାରିୟର୍ କରିବାକୁ ଚିନ୍ତା କରି ସ୍ନାତକ ଶିକ୍ଷା ପରେ ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟରେ ଡ୍ରାମା ନିର୍ଦ୍ଦେଶନା ଉପରେ ପି.ଜି. କୋର୍ସ କରିବାକୁ ନାଁ ଲେଖାଇଲି। ସେଠାରେ ୭୦ ଟଙ୍କା ଲେଖାଏ ଷ୍ଟାଇପେଣ୍ଡ ମିଳିଲା। ତା'ସହିତ ରବୀନ୍ଦ୍ର ମଣ୍ଡପରେ ସେଟ୍ ଡିଜାଇନ୍ କରି, ଆର୍ଟିଷ୍ଟଙ୍କୁ ମେକ୍‌ଅପ୍ ଦେବା ଆଦି କାମ କରି ସେଥିରୁ ବି କିଛି ରୋଜଗାର କଲି। ତେଣୁ ଆଉ ଘରୁ ପଇସା ଆଣିଲିନି। ଏମିତିରେ ଡ୍ରାମା ନିର୍ଦ୍ଦେଶନାରେ ଗ୍ରାଜୁଏଶନ୍ ସରିବା ପରେ ବିଜୟ ସାର୍‌ଙ୍କୁ (ସେତେବେଳେ ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟରେ ଅଭିନେତା ବିଜୟ ମହାନ୍ତି ଓ ଅଜିତ୍ ଦାସ୍ ଆଦି ମୋର ଗୁରୁ ଥିଲେ) ଅନୁରୋଧ କରିଥିଲି ମୋତେ କିଛି କାମ ଦେବାକୁ। ତାଙ୍କରି ସହଯୋଗରେ 'ମୋ କାହ୍ନୁରେ' ଚଳଚ୍ଚିତ୍ରରୁ ପ୍ରଥମେ ସହ ନିର୍ଦ୍ଦେଶକ ଭାବେ କ୍ୟାରିୟର୍ ଆରମ୍ଭ କରିଥିଲି। ଏଥିରୁ ଆଠ ହଜାର ଟଙ୍କା ପାରିଶ୍ରମିକ ମିଳିଥିଲା ; ଯାହାକୁ ନେଇ ବାପାଙ୍କ ହାତରେ ଦେଇଥିଲି। ତା'ପରଠୁ ଆଉ ପଛକୁ ଫେରି ଚାହିଁନି। କ୍ରମେ ବୋଉ, ଆସୁଛି ମୋ ଜଗା ବଳିଆ, ଭୁଲ୍ ବୁଝିବନି ମୋତେ, ରାଜାରାଣୀ (ତ୍ରିଭାଷୀ) ଆଦି ଚଳଚ୍ଚିତ୍ରରେ ମଧ୍ୟ ସହ ନିର୍ଦ୍ଦେଶନା ଦେଲି। ତା'ପରେ 'ରାଜୁ ଆୱାରା' ଏବଂ 'ପହିଲି ରଜ'ରେ ବି ମୁଖ୍ୟ ସହ-ନିର୍ଦ୍ଦେଶକ ଭାବେ କାମ କଲି। କାମ ସହ ପାଠ ବି ପଢୁଥିଲି। ଡ୍ରାମା ନିର୍ଦ୍ଦେଶନାରେ ପି.ଜି. ସାରି ନ୍ୟାଶନାଲ୍ ସ୍କୁଲ୍ ଅଫ୍ ଡ୍ରାମାରେ ଥିଏଟର୍ ଇନ୍ ଏଡୁକେଶନ୍ ଉପରେ ଏକ ବର୍ଷୀୟା କୋର୍ସ ବି କଲି। ତା'ପରେ ବିଭିନ୍ନ ଏନ୍‌ଜିଓ ସଂସ୍ଥା ସହ ସଂଶ୍ଲିଷ୍ଟ ହୋଇ ଛାତ୍ରୀଛାତ୍ରଙ୍କ ଦକ୍ଷତା ବିକାଶ ପାଇଁ ୱାର୍କଶପ୍ ଆଦି କଲି। ଏଥିସହିତ ଧୀରେ ଧୀରେ ମୁଁ ଡକ୍ୟୁମେଣ୍ଟାରୀ, ଟେଲି ଫିଲ୍ମ ତଥା ସିରିଏଲ୍‌ରେ ନିର୍ଦ୍ଦେଶନା ଦେବା ମଧ୍ୟ ଆରମ୍ଭ କରିଦେଲି। 'ଦ ଓରିଜିନ୍ ଆଣ୍ଡ ଷ୍ଟାଇଲ୍ ଅଫ୍ ଓଡ଼ିଶୀ ଡ୍ୟାନ୍ସ' ଏବଂ 'ଦ ଆର୍ଟ ଅଫ୍ ଅନ୍ ଟ୍ରେନ୍‌ଡ ଫିଙ୍ଗର୍' ହେଉଛି ମୋ ନିର୍ଦ୍ଦେଶିତ ୨ଟି ଡକ୍ୟୁମେଣ୍ଟାରୀ। ସେହିପରି ପ୍ରାୟଶ୍ଚିତ୍ତ (ଟେଲି ଫିଲ୍ମ), ମନ୍ଥନ (ହିନ୍ଦୀ ସିରିଏଲ୍)ରେ ସହ ନିର୍ଦ୍ଦେଶକ, ଯୁଗ୍ ନାୟକ (ଦ୍ୱିଭାଷୀ ଚଳଚ୍ଚିତ୍ର)ରେ ମୁଖ୍ୟ ସହ ନିର୍ଦ୍ଦେଶକ ଭାବେ ବି ମୁଁ କାମ କରିଛି। କେବଳ ସେତିକି ନୁହେଁ ; ଅନ୍ଧ ଯୁଗ, ଅଶାନ୍ତ, ବନ୍ଦେ ମା'ତରମ୍ ଆଦି ନାଟକ ଏବଂ ଜଗତର ତାରିଣୀ ମା' ଭଗବତୀ ନାମକ ଗୀତିନାଟ୍ୟରେ (ଯେଉଁଥିରେ ପ୍ରାୟ ୪୫ ଜଣ ଅଭିନେତା ଅଭିନେତ୍ରୀ ଅଭିନୟ କରିଥିଲେ) ମଧ୍ୟ ମୁଁ ନିର୍ଦ୍ଦେଶନା ଦେଇଛି। ଏଥିସହିତ ଗାଁ ଗହଳିରେ ତଥା ବିଭିନ୍ନ କ୍ଲବ ତରଫରୁ ଅନୁଷ୍ଠିତ ହେଉଥିବା ଅନେକ ମୁକ୍ତ ମଞ୍ଚ ନାଟକରେ ବି ମୁଁ ନିର୍ଦ୍ଦେଶନା ଦେଇ ଦର୍ଶକଙ୍କର ବହୁ ପ୍ରଶଂସା ପାଇଛି। 'ସୂତ୍ରଧାର' ନାମରେ ନିଜର ଏକ ନାଟ୍ୟ ଅନୁଷ୍ଠାନ ବି ମୋର ଅଛି, ଯେଉଁଠାରେ ପିଲାମାନଙ୍କୁ ନାଟ୍ୟ ନିର୍ଦ୍ଦେଶନା ଉପରେ ଶିକ୍ଷା ବି ମୁଁ ଦେଉଛି। ଭଗବାନଙ୍କ କୃପା ଥିଲେ ଆଗକୁ ବି ମୋର ଏହି ନାଟ୍ୟ ନିର୍ଦ୍ଦେଶନାର କ୍ୟାରିୟରକୁ ଆହୁରି ଆଗକୁ ନେବାକୁ ଚେଷ୍ଟା କରିବି।

*-ଅନ୍ୱିତା*

**ସାଥୀ**

# ମନମୋହିନୀର ସୁନେଲି ହସ, ହସ ନୁହେଁ ସେ ତ ପ୍ରେମର ଫାଶ..



**ପ୍ରଶ୍ନ**-ସେହି ସୁନ୍ଦରୀ ହସ ମୋତେ ମତୁଆଲା କରିଛି। ମୋତେ ଲାଗୁଛି ଯେମିତି ଆମେ ଦୁହେଁ 'ମେଡ୍ ଫର ଇଚ୍ ଅଦର'। ହେଲେ ସେ ମୋ ମନର କଥାକୁ କେମିତି ବୁଝିବ ?

*-ତପନ କୁମାର, ବାଲେଶ୍ୱର*

**ଉତ୍ତର:** ସେହି ସୁନ୍ଦରୀ ହସକୁ ଆପଣ ପ୍ରଥମେ ଭଲ ଭାବରେ ଷ୍ଟଡି କରନ୍ତୁ। ଯଦି ସେଥିରୁ ପ୍ରେମର ଝଲକ୍ ପାଉଛନ୍ତି, ତେବେ ବିଳମ୍ବ କରିବା ଅନାବଶ୍ୟକ। କାରଣ 'ମନ ମୋହିନୀର ସୁନେଲି ହସ, ହସ ନୁହେଁ ସେ ତ ପ୍ରେମର ଫାଶ'। ବାସ୍, ସମୟ ସୁବିଧା ଦେଖି ଯାହାକୁ ମନର ମାନସୀ ବୋଲି ଭାବିନେଇଛନ୍ତି ତାଙ୍କୁ ନିଜ ମନ କଥା କହନ୍ତୁ। ଯଦି ଆପଣଙ୍କ କଥା ତାଙ୍କର ମନକୁ ଛୁଇଁଲା, ତେବେ ଜାଣିନିଅନ୍ତୁ ଯେ, ଆପଣ ଖୋଜିବା ଚିଜ ମିଳିଗଲା।

**ପ୍ରଶ୍ନ**-ମୁଁ ଏବେ କଲେଜରେ ପଢୁଛି। ମୋଠାରୁ ବୟସରେ ବଡ଼ ଜଣେ ଝିଅକୁ ଏକତରଫା ପ୍ରେମ କରିବସିଛି। ଆମର ପ୍ରେମ ଗାଡ଼ି ଆଗକୁ ଗଡ଼ିବ ତ ?

*-ପ୍ରସନ୍ନ ରାଉତ, କଳାହାଣ୍ଡି*

**ଉତ୍ତର:** ଗୋଟିଏ ପଟେ କହୁଛନ୍ତି ଯେ, ଆପଣଙ୍କ ପ୍ରେମ ଏକତରଫା। ଏପରି ପ୍ରେମରେ କ୍ଷଣିକ ମଜା ଥାଏ। ହେଲେ ସେହି ମଜା ସବୁବେଳେ ମିଳିବ ତାହା ଭାବିବା ଭୁଲ। ତେଣୁ ଯାହାଙ୍କୁ ଏକତରଫା ପ୍ରେମ କରୁଛନ୍ତି ତାଙ୍କ ମନ ଭିତରେ ଆପଣଙ୍କ ପାଇଁ ସ୍ଥାନ ଅଛି କି ନାହିଁ ତାହା ଜାଣି ନିଅନ୍ତୁ। ନ ହେଲେ ଏମିତି ଅନ୍ଧାରରେ ବାଡି ବୁଲାଇଲେ କିଛି ଲାଭ ନାହିଁ। ଦୁଇଟି ମନ ଠିକ୍ ଭାବରେ ମିଶିଲେ ସେଥିରୁ ପ୍ରେମର ଅସଲ ମଜା ଅନୁଭୂତ ହୋଇଥାଏ। ତେଣୁ ପ୍ରଥମେ ନିଜ ମନରୁ ଏହି ଏକତରଫା ପ୍ରେମର ଭୂତକୁ ଉତାରି ଦିଅନ୍ତୁ।

**ପ୍ରଶ୍ନ**-ଜଣେ ଝିଅ ମୋତେ ଅନେକ ଥର 'ଆଇ ଲଭ୍ ୟୁ' କହିସାରିଲାଣି। ହେଲେ ତାକୁ ମୁଁ ମୋ ମନର କଥା କହିବାକୁ ଡର ଲାଗୁଛି। ତାକୁ କେମିତି ମନର କଥା କହିବି ଜାଣିପାରୁନାହିଁ।

*-ସମୀର ପୁହାଣ, ପାରାଦୀପ, ଜଗତ୍‌ସିଂହପୁର*

**ଉତ୍ତର:**ପ୍ରେମରେ ଯିଏ ଡରିଗଲା ସିଏ ହାରିଗଲା। ମନର ସାହସ ଏକଜୁଟ୍ କରନ୍ତୁ। ଏପରି ସୁଯୋଗ ପାଇବା ପରେ ତାକୁ ୟୁଟିଲାଇଜ ନ କରି ଆପଣ ଡରୁଛନ୍ତି ! ଆପଣ ପ୍ରେମ କେମିତି କରିବେ ତାହା ତ ସନ୍ଦେହ ଘେରରେ। ସେପଟୁ ଗ୍ରୀନ୍ ସିଗନାଲ୍ ମିଳୁଛି ମାନେ ଆଉ ଡେରି ନ କରି ବହି ଫିଟ୍ କରିଦିଅନ୍ତୁ। ଯେତେ ବିଳମ୍ବ କରିବେ ଚାନ୍ସଟି ହାତରୁ ଖସି ଯିବାର ସମ୍ଭାବନା ରହିଛି।

**ପ୍ରଶ୍ନ**-ପ୍ରେମ କରିବା ପୂର୍ବରୁ କେତେକ ଝିଅ ନଖରାମି କରନ୍ତି କାହିଁକି ? *-ତନ୍ମୟ ସାହୁ, ବଡବିଲ, କେନ୍ଦୁଝର*

**ଉତ୍ତର:** ବେଳେବେଳେ ସେହି ନଖରାମିରେ ହିଁ ପ୍ରେମର ଅସଲ ମଜା ଲୁଚି ରହିଥାଏ। କେତେକେ ତାହାକୁ ସିରିୟସଲି ନିଅନ୍ତି ଆଉ ପ୍ରେମ ବିଷୟରେ ଅନେକ ନେଗେଟିଭ କଥା ଭାବନ୍ତି। ପ୍ରେମର ଆରମ୍ଭରେ ପ୍ରେମିକାର ନଖରାମିକୁ ଟିକେ ହାଲକା ଭାବରେ ନିଅନ୍ତୁ। ତାହାର ସେହି ନଖରାମି ପଛରେ କାରଣକୁ ନ ଖୋଜି ସେଇଠୁ ହିଁ ଅସଲ ପ୍ରେମର ସୂତ୍ର ଆପଣ ପାଇପାରିବେ। ତେଣୁ ନଖରାମିକୁ ନେଇ ନୋ ଟେନସନ, ଓନଲି ମସ୍ତି !

**ପ୍ରଶ୍ନ**-ଯାହାକୁ ପ୍ରେମ କରୁଥିଲି ତାକୁ ତ ବାହା ହୋଇପାରିଲି ନାହିଁ। ତା' ସାଙ୍ଗଙ୍କୁ ବାହା ହୋଇଛି। ହେଲେ ନିକଟରେ ମୋ ପୂର୍ବ ପ୍ରେମିକା ସହ ଭେଟ ହେବା ପରେ ମୁଁ ପୁଣି ଥରେ ତା' ପ୍ରେମରେ ପଡିଯାଇଛି। ମୁଁ ଏବେ କ'ଣ କରିବି ଜାଣିପାରୁନାହିଁ।

*-ସୁନାକର, ପୁରୀ*

**ଉତ୍ତର:** କଥାରେ ଅଛି-ଆପଣା ହସ୍ତେ ଜିହ୍ୱା ଛେଦି, କେ' ତା'ର ଅଛି ପ୍ରତିବାଦୀ'। ଆପଣ ବିବାହିତ। ହେଲେ ପୁଣି ଥରେ ନିଜର ପୂର୍ବତନ ପ୍ରେମିକା ପ୍ରେମରେ ପଡ଼ିଗଲେଣି। ତେଣୁ ଏହାର ପରିଣାମ କ'ଣ ହେବ ଚିନ୍ତା କରନ୍ତୁ। ଜୋସ୍‌ରେ ସିନା ସେହି ପ୍ରେମିକା ସହ ପୁଣି ଥରେ ପ୍ରେମର ମଜା ନେବେ, ହେଲେ ଏହା ଦିନେ ପରମାଣୁ ବୋମା ପରି ଆପଣଙ୍କ ବୈବାହିକ ଜୀବନକୁ ଧ୍ୱଂସ କରିଦେବ। ତେଣୁ ବେଳ ଥାଉ ଥାଉ ସେହି ରାସ୍ତାରୁ ଓହରି ଆସନ୍ତୁ।

# ପିଲାଙ୍କ ଖୁସି ପାଇଁ







**ପାଠ ପଢ଼ିବାକୁ ବହୁତ କମ୍ ପିଲା ପସନ୍ଦ କରନ୍ତି । ଏମିତିକି ପାଠପଢ଼ା ଓ ପଢ଼ା ସାମଗ୍ରୀ ତ ଅନେକଙ୍କୁ ବୋଝ ପରି ଲାଗିଥାଏ । ତେଣୁ ଏହାକୁ ମଜାଦାର କରିବା ଓ ପିଲାଙ୍କ ମନରେ ପଢ଼ା ପ୍ରତି ଆଗ୍ରହ ସୃଷ୍ଟି କରିବା ପାଇଁ ତିଆରି କରାଯାଉଛି ବିଭିନ୍ନ ପ୍ରକାର ପାଠ୍ୟ ସାମଗ୍ରୀ। ଠିକ୍ ଯେମିତି ଏଇସବୁ ପେନ୍/ ପେନ୍‌ସିଲ କେସ୍..**



**ମାଛ ପରି:** ଯେଉଁ ପିଲାଙ୍କୁ ମାଛ ଖାଇବାକୁ ଭଲ ଲାଗେ ଅବା ଯେଉଁ ପିଲା ମାଛକୁ ପେଟ୍ କରିବାକୁ ଚାହାନ୍ତି ସେମାନଙ୍କୁ ନିଶ୍ଚୟ ଭଲ ଲାଗିବ ଏହି ପେନ୍‌ସିଲ୍ କେସ୍ । ଦେଖିବାକୁ ଏହା ପୂରାପୂରି ମାଛ ପରି । ଏଥିରେ ଥିବା ଜିପ୍‌କୁ ଖୋଲିଦେଲେ ମାଛର ପେଟ ଭଳି ଲାଗେ । ଆଉ ମାଛ ପେଟ ଭିତରେ ପେନ୍‌ସିଲ, ପେନ୍ ରଖିବାର ମଜା କିଛି ଅଲଗା ।

**ଚକୋଲେଟ୍ ବାର୍ ପରି:** ଚକୋଲେଟ୍ ସବୁ ପିଲାଙ୍କର ପ୍ରିୟ। ଯଦି ଚକୋଲେଟ୍ ବାର୍ ପରି ପେନ୍/ପେନ୍‌ସିଲ କେସ୍ ଦେବେ ପିଲାମାନେ ନିଶ୍ଚୟ ଖୁସି ହୋଇଯିବେ । ଏହା ଯେ, କେବଳ ସତସତିକା ଚକୋଲେଟ୍ ବାର୍ ପରି ଦେଖାଯାଏ ତାହା ନୁହେଁ, ଏଥିରୁ ଚକୋଲେଟ୍ ବାସ୍ନା ବି ବାହାରିଥାଏ । ତେବେ ଧ୍ୟାନ ଦେବା ଜରୁରୀ ଯେ, ଏହା ଖାଦ୍ୟ ଉପଯୋଗୀ ନୁହେଁ।

**ସୁଜ୍ ପରି:** ଦେଖିବାକୁ ଜୋତା ଭଳି ହେଲେ ଏହା ପାଦରେ ପିନ୍ଧିବା ପାଇଁ ପ୍ରଯୁଜ୍ୟ ନୁହେଁ। କାରଣ ଏହାକୁ ଡିଜାଇନ୍ କରାଯାଇଛି ପେନ୍‌ସିଲ ଓ ପେନ୍‌କୁ ସୁରକ୍ଷିତଭାବେ ରଖିବା ପାଇଁ।

**ରୁଟି ପରି:** ଏହି ପେନ୍‌ସିଲ କେସ୍‌କୁ ଦେଖିଲେ ଲାଗିବ ସତେଯେମିତି ଏହା ସତସତିକା ରୁଟି। ହେଲେ ପିଲାଙ୍କୁ ବୁଝାଇ ଦେବେ ଯେ, ଭୁଲ୍‌ରେ ବି ଏହାକୁ ଖାଇବେ ନାହିଁ। କାରଣ ଏହା ରୁଟି ଭଳି ଦେଖାଯାଉଥିବା ଏକ ପେନ୍/ ପେନ୍‌ସିଲ୍ କେସ୍। ଏହାର ମଝିରେ ପେନ୍‌ସିଲ ରଖିବା ପାଇଁ ସ୍ଥାନ ରହିଛି। ସେଗୁଡ଼ିକୁ ରଖିବା ପରେ ରୁଟି ପରି ଏଇ ପେନ୍‌ସିଲ କେସ୍‌କୁ ଗୁଡେଇ ରୋଲ୍ ଭଳି ରଖିହେବ। ଆଉ ପ୍ଲେଟ୍ ଉପରେ ରଖିଦେଲେ ତ ସତସତିକା ସ୍ୱାଦିଷ୍ଟ ରୋଲ୍ ପରି ଲାଗିବ।



**ହଟ୍ ଡଗ୍:** କିଛି ପିଲାଙ୍କୁ ହଟ୍ ଡଗ୍ ବହୁତ ପସନ୍ଦ ଥାଏ । ସେମାନଙ୍କୁ ଏହି ପେନ୍‌ସିଲ କେସ୍ ବହୁତ ଭଲ ଲାଗିବ ।

**ବ୍ଲକ୍ସ:** ବ୍ଲକ୍ସ ବା ଲୋଗୋ ଜଏଣ୍ଟ ପିଲାଙ୍କର ବହୁତ ପ୍ରିୟ। ଏହାକୁ ନଜରରେ ରଖି ବୋଧହୁଏ ଏହି ପେନସିଲ୍ କେସ୍ ତିଆରି କରାଯାଇଛି। ଉପହାର ସ୍ୱରୂପ ଏହି ବ୍ଲକ୍ସ ପରି ଦେଖାଯାଉଥିବା ପେନ୍/ ପେନ୍‌ସିଲ କେସ୍ ଦେଲେ ପିଲାମାନେ ନିଶ୍ଚୟ ଖୁସି ହୋଇଯିବେ ।

**ଭ୍ୟାନ୍:** ଖାସ୍‌କରି ପୁଅମାନଙ୍କୁ ଖେଳଣା ଗାଡ଼ିରେ ଖେଳିବାକୁ ବହୁତ ଭଲ ଲାଗେ। ଆଉ ଯଦି ବୋରିଂ ପେନ୍‌ସିଲ/ ପେନ୍ କେସ୍ ବଦଳରେ ଏହାକୁ ଦେବେ ତେବେ ପିଲାମାନେ ବହୁତ ଖୁସି ହୋଇଯିବେ ।

**ଫଳମୂଳ/ପନିପରିବା ପରି:** ପାଚିଲା କଦଳୀ ପରି ଦେଖାଯାଉଥିବା ଏହି ପେନ୍‌ସିଲ କେସ୍ ଏତେ ସୁନ୍ଦର ଲାଗେ ଯେ, ତାକୁ ଖାଇବାକୁ ଇଚ୍ଛା ହେବ । ସେହିଭଳି କିଛି ପନିପରିବା ପରି ଦେଖାଯାଉଥିବା ପେନ୍‌ସିଲ କେସ୍ ମଧ୍ୟ ଅଛି ।

## ମଡେଲ ମିରର୍

**ସୂଚନା**

ଏଠାରେ ଫଟୋ ପ୍ରକାଶ ପାଇବା ପାଇଁ କିଛି ଟଙ୍କା ଦେବାକୁ ପଡ଼େନାହିଁ। ଯୋଗ୍ୟ ବିବେଚିତ ଫଟୋ ହିଁ ପ୍ରକାଶ ପାଇବ।



ବୈଶାଳୀ

ଆପଣଙ୍କ ମୁହଁ ମଡେଲ ମିରର୍‌ରେ ଦେଖିବାକୁ ଚାହୁଁଥିଲେ
ଯୋଗାଯୋଗ: ଧରିତ୍ରୀ ଛୁଟିଦିନ, ବି-୧୫ ରସୁଲଗଡ଼
ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
ଫୋନ ନଂ: (୦୬୭୪) ୨୫୮୦୧୦୧
ଫଟୋ ସୌଜନ୍ୟ- କମଲ ଫଟୋଗ୍ରାଫୀ

## ହାଃ ହାଃ

### ମୋଟା

ସ୍ତ୍ରୀ ସ୍ୱାମୀଙ୍କୁ- ତମେ ବହୁତ ମୋଟା ହେଇଗଲଣି।
ସ୍ୱାମୀ-ତମେ କୋଉଲା ପତଳା କି? ତମେ ବି ତ ଏତେ ମୋଟି ହେଇଗଲଣି।
ସ୍ତ୍ରୀ- ମୁଁ ମା' ହେବାକୁ ଯାଉଛି ସେଥିପାଇଁ ମୋଟି ହେଇଯାଇଛି।।
ସ୍ୱାମୀ- ମୁଁ ବି ତ ବାପା ହେବାକୁ ଯାଉଛି।

### ମଦୁଆ

ଦୁଇ ମଦୁଆ ଗାଡିରେ ଯାଉଥାନ୍ତି। ହଠାତ୍ ଗାଡି କାନ୍ଥ ଆଡ଼କୁ ଚାଲିଗଲା।
ପ୍ରଥମ ମଦୁଆ- ଆରେ ସାମ୍ନାରେ କାନ୍ଥ! କାନ୍ଥ ଅଛିରେ ! କାନ୍ଥ!
ହେଲେ ଗାଡି ଯାଇ କାନ୍ଥରେ ପିଟି ହୋଇଗଲା। ଦୁହିଁଙ୍କୁ ଡାକ୍ତରଖାନା ନିଆଗଲା।
ଡାକ୍ତରଖାନାରେ ପ୍ରଥମ ମଦୁଆ- ମୁଁ ଏତେ ଚିଲ୍ଲେଇଲି କାନ୍ଥ, କାନ୍ଥ ବୋଲି। ଗାଡି ଅଟକେଇଲୁନି କାହିଁକି?
ଦ୍ୱିତୀୟ ମଦୁଆ- ଆରେ ମଦୁଆ, ମୁଁ କେମିତି ଅଟକେଇଥାନ୍ତି। ଗାଡ଼ି ତ ତୁ ନିଜେ ଚଲଉଥିଲୁ।

### ବିବାହିତ


ସୋନୁ ମୋନୁକୁ- ବିବାହିତ ପୁଅ ଓ ଝିଅକୁ କେମିତି ଜାଣିବ?
ମୋନୁ-ଯେଉଁ ଝିଅର ବେକରେ ମଙ୍ଗଳସୂତ୍ର ଝୁଲିଥାଏ ସେ ବିବାହିତା। ଆଉ ଯେଉଁ ପୁଅର ମୁହଁ ଦୁଃଖ ଓ ଚିନ୍ତାରେ ଝୁଲି ରହିଥାଏ ସେ ବିବାହିତ।

ଘୋଡ଼ା ପିଠିରେ ବସି ବୁଲିବାର ଅନୁଭୂତି ସତରେ ବେଶ୍ ନିଆରା ଲାଗିଥାଏ। ଏହା ଯେତିକି ଆନନ୍ଦ ଦିଏ ସେତିକି ରୋମାଞ୍ଚକର ବି ଲାଗେ। ସେଥିପାଇଁ ବିଭିନ୍ନ ପର୍ଯ୍ୟଟନସ୍ଥଳୀରେ ଆଜିକାଲି ଏହି ଦୁଃସାହସିକ କ୍ରୀଡ଼ାର ସୁବିଧା ଯୋଗାଇ ଦିଆଯାଉଛି...



# ହର୍ସ ରାଇଡିଂ ଡେଷ୍ଟିନେଶନ୍

ଘୋଡ଼ା ପିଠିରେ ବସି ଯା'ଆସ କରିବା ଦିନେ ପରିବହନର ଏକ ପ୍ରାଚୀନ ମାଧ୍ୟମ ଥିଲା। କିନ୍ତୁ ବର୍ତ୍ତମାନ ଏହା ଲୋକଙ୍କ ମନୋରଞ୍ଜନ ତଥା ଦୁଃସାହସିକ କ୍ରୀଡ଼ାର ଏକ ମାଧ୍ୟମ ହୋଇ ରହିଯାଇଛି ; ଯେଉଁଥିପାଇଁ ବିଭିନ୍ନ ପର୍ଯ୍ୟଟନ ସ୍ଥଳୀରେ ପର୍ଯ୍ୟଟକଙ୍କୁ କିଛିଟା ଭିନ୍ନ ଅନୁଭୂତି ଦେବା ପାଇଁ ଘୋଡ଼ା ସବାରି ବା ଅଶ୍ୱାରୋହଣ ବା ହର୍ସ ରାଇଡିଂର ସୁବିଧା ଯୋଗାଇ ଦିଆଯାଉଛି। କେବଳ ସେତିକି ନୁହେଁ ଏ ନେଇ ସ୍ୱତନ୍ତ୍ର ପ୍ରଶିକ୍ଷଣ ଦେବା ପାଇଁ ବି ଉକ୍ତ ସ୍ଥାନଗୁଡ଼ିକରେ ବିଶେଷ ସୁବିଧା ଉପଲବ୍ଧ ଅଛି।



ଆସନ୍ତୁ ଜାଣିବା ସେମିତି କିଛି ଖାସ୍ ହର୍ସ ରାଇଡିଂ ଡେଷ୍ଟିନେଶନ୍ ସମ୍ପର୍କରେ...

**ଲଦାଖ:** ଏଠାକାର ଆକର୍ଷଣୀୟ ପ୍ରାକୃତିକ ସୌନ୍ଦର୍ଯ୍ୟ ସାଙ୍ଗକୁ ବିଭିନ୍ନ ଦୁଃସାହସିକ କ୍ରୀଡ଼ାର ଆନନ୍ଦ ନେବା ପାଇଁ ଲଦାଖରେ ପର୍ଯ୍ୟଟକଙ୍କର ବେଶ୍ ଭିଡ଼ ଦେଖିବାକୁ ମିଳିଥାଏ। ଟ୍ରେକିଂ, ହାଇକିଂରୁ ଆରମ୍ଭକରି ମାଉଣ୍ଟେନ୍ ବାଇକିଂ, ହର୍ସ ରାଇଡିଂ ଆଦି କ୍ରୀଡ଼ା ପାଇଁ ଏଠାରେ ରହିଛି ବିଶେଷ ସୁବିଧା ଓ ସୁଯୋଗ। ଖାସ୍‌କରି ଏଠାକାର ଜାଂସ୍କର୍ ଘାଟିରେ ହର୍ସ ରାଇଡିଂର ମଜା ବେଶ୍ ନିଆରା ଲାଗିଥାଏ। ଏଥିସହିତ ସ୍ଥାନୀୟ ଜୋଙ୍ଗ୍‌ଖୁଲ୍ ଗୋମ୍ପା, ପେନ୍‌ସି ଲା'ଠାରେ ଘୋଡ଼ା ସବାରିରେ ବୁଲିବା ମଧ୍ୟ ପର୍ଯ୍ୟଟକଙ୍କୁ ଖୁବ୍ ଆନନ୍ଦ ଦେଇଥାଏ।

**ସିକ୍କିମ୍:** ଉତ୍ତର ସିକ୍କିମ୍‌ରେ ଅବସ୍ଥିତ ୟୁମ୍‌ଥାଙ୍ଗ ଘାଟି ହେଉଛି ସିକ୍କିମ୍‌ର ଏକ ଲୋକପ୍ରିୟ ପର୍ଯ୍ୟଟନସ୍ଥଳୀ। ଏହାକୁ ସିକ୍କିମ୍‌ର ଫୁଲର ଘାଟି ବି କୁହାଯାଇଥାଏ। କାରଣ ପ୍ରତିବର୍ଷ ବସନ୍ତ ଋତୁରେ ଏଠାରେ ବିଭିନ୍ନ କିସମର ରଙ୍ଗବେରଙ୍ଗର ଫୁଲ ଫୁଟିଥାଏ। ବିଶେଷକରି ଏହି ସ୍ଥାନଟି ପ୍ରକୃତିପ୍ରେମୀ ତଥା ଏକାନ୍ତରେ ସମୟ ବିତାଇବାକୁ ଚାହୁଁଥିବା ପର୍ଯ୍ୟଟକଙ୍କ ପାଇଁ ଏକ ଉପଯୁକ୍ତ ସ୍ଥାନ। ତା'ଛଡ଼ା ଏଠାରେ ପର୍ଯ୍ୟଟକଙ୍କ ଆମୋଦପ୍ରମୋଦ ପାଇଁ ଘୋଡ଼ା ସବାରିର ମଧ୍ୟ ସୁବିଧା ରହିଛି। ଘୋଡ଼ା ପିଠିରେ ବସି ଘାଟିର ସୌନ୍ଦର୍ଯ୍ୟକୁ ନିକଟରୁ ଉପଭୋଗ କରିବାର ଆନନ୍ଦ ଏଠାରେ ବେଶ୍ ନିଆରା ଲାଗେ।

**ମହାବଳେଶ୍ୱର:** ହିଲ୍ ଷ୍ଟେଶନମାନଙ୍କରେ ଘୋଡ଼ା ସବାରୀ କରିବା ସବୁବେଳେ କିଛିଟା ନିଆରା ଅନୁଭୂତି ଦେଇଥାଏ। ବିଶେଷକରି ମହାରାଷ୍ଟ୍ରର ସତାରା ଜିଲାରେ ଥିବା ମହାବଳେଶ୍ୱର ହିଲ୍ ଷ୍ଟେଶନରେ ଘୋଡ଼ା ସବାରି କରି ଆଖପାଖର ସୌନ୍ଦର୍ଯ୍ୟକୁ ଉପଭୋଗ କରିବା ସହ ସୂର୍ଯ୍ୟାସ୍ତର ଆନନ୍ଦ ନେବା ପର୍ଯ୍ୟଟକଙ୍କୁ ରାଜକୀୟ ଅନୁଭୂତି ଦେଇଥାଏ।

**ଦାର୍ଜିଲିଂ:** ଏହା ହେଉଛି ଭାରତର ଏକ ଲୋକପ୍ରିୟ ପର୍ଯ୍ୟଟନସ୍ଥଳୀ। ପ୍ରତିବର୍ଷ ବହୁ ସଂଖ୍ୟାରେ ପର୍ଯ୍ୟଟକ ଏଠାକୁ ବୁଲି ଆସିଥାନ୍ତି। ଆକର୍ଷଣୀୟ ପ୍ରାକୃତିକ ପରିବେଶରେ ଭରା ଏହି ସ୍ଥାନରେ ଘୋଡ଼ା ସବାରି ପାଇଁ ମଧ୍ୟ ରହିଛି ଅନେକ ସୁବିଧା। ଏପରିକି ଘୋଡ଼ା ସବାରି ଜାଣି ନଥିବା ପର୍ଯ୍ୟଟକଙ୍କୁ ଏଠାରେ ସ୍ୱତନ୍ତ୍ର ଟ୍ରେନିଂ ଦେବାର ବ୍ୟବସ୍ଥା ମଧ୍ୟ ରହିଛି।


**ପୁଷ୍କର:** ରାଜସ୍ଥାନର ଏହା ହେଉଛି ଏମିତି ଏକ ସହର, ଯେଉଁଠାରେ ମୁଖ୍ୟତଃ ଓଟ ପିଠିରେ ବସି ବୁଲିବା ପର୍ଯ୍ୟଟକଙ୍କୁ ନିଆରା ଅନୁଭୂତି ଦେଇଥାଏ। କେବଳ ଓଟ ନୁହେଁ ଘୋଡା ସବାରି ପାଇଁ ବି ଏଠାରେ ରହିଛି ଯଥେଷ୍ଟ ସୁବିଧା ଓ ସୁଯୋଗ। ବିଶେଷକରି ମାରୱାରି ଘୋଡ଼ାରେ ବସି ବୁଲିବା ଏଠାରେ ପର୍ଯ୍ୟଟକଙ୍କୁ ରାଜକୀୟ ଅନୁଭୂତି ଦେଇଥାଏ। ସେହିପରି ରାଜସ୍ଥାନର ଉଦୟପୁରରେ ବି ପର୍ଯ୍ୟଟକ ଘୋଡ଼ା ସବାରିର ଆନନ୍ଦ ନେଇପାରିବେ।

**ଗୁଲମାର୍ଗ:** ଜମ୍ମୁ ଓ କଶ୍ମୀରର ଗୁଲମାର୍ଗରେ ବି ପର୍ଯ୍ୟଟକଙ୍କୁ କିଛିଟା ଭିନ୍ନ ଅନୁଭୂତି ଦେବା ପାଇଁ ଘୋଡ଼ା ସବାରିର ସୁବିଧା ରହିଛି। କୁହାଯାଏ ଭାରତର ଏହି ଅପୂର୍ବ ହିଲ୍‌ଷ୍ଟେଶନର ପ୍ରକୃତ ସୌନ୍ଦର୍ଯ୍ୟକୁ ଉପଭୋଗ କରିବା ପାଇଁ ଘୋଡ଼ା ସବାରି ହେଉଛି ଏକ ସୁନ୍ଦର ମାଧ୍ୟମ।











# ତକିଆ ଯୁଦ୍ଧ ପ୍ରତିଯୋଗିତା




ଘରେ ଭାଇ ଭଉଣୀ ତକିଆରେ ପିଟା ପିଟି ନିଶ୍ଚୟ ହୋଇଥିବେ। ଏହା ବେଶ୍ ମଜାଦାର ଲାଗେ। ତେବେ ଜାଣନ୍ତିକି ଏହି ତକିଆ ମାର୍‌ପିଟ୍ ବା ତକିଆ ଯୁଦ୍ଧକୁ ନେଇ ଏକ ପ୍ରତିଯୋଗିତା ବି ହୁଏ। ଆଉ ତାହା ଜାପାନରେ ଆୟୋଜିତ ହୋଇଥାଏ। ପ୍ରତିବର୍ଷ ଜାପାନର ବିଭିନ୍ନ ପ୍ରାନ୍ତରୁ ପ୍ରତିଯୋଗୀ ଫୁଲ୍ ଦମ୍‌ରେ ପ୍ରସ୍ତୁତ ହୋଇ ଆସିଥାନ୍ତି ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିବା ପାଇଁ। ୨୦୧୩ରୁ ଆରମ୍ଭ ହୋଇଥିବା ଏହି ପ୍ରତିଯୋଗିତା ୨୦୧୪ରେ ଜାତୀୟ ସ୍ତର ପ୍ରତିଯୋଗିତା ପାଲଟିଗଲା। ଏଥିରେ ୯ ବର୍ଷର ପିଲାଠାରୁ ଆରମ୍ଭ କରି ୬୦ ବର୍ଷସର ବୃଦ୍ଧବୃଦ୍ଧା ଅଂଶ ଗ୍ରହଣ କରିପାରିବେ। ଏଥିରେ ଗୋଟିଏ ଦଳର ପ୍ରତିଯୋଗୀ ଅନ୍ୟ ଦଳର ପ୍ରତିଯୋଗୀଙ୍କ ଉପରକୁ ତକିଆ ଫୋପାଡି ଆଉଟ୍ କରିବାକୁ ଚେଷ୍ଟା କରନ୍ତି। ପ୍ରତି ଦଳର କ୍ୟାପଟେନ୍ ଏକ ବଡ ତକିଆ ଧରି ଫୋପଡା ଯାଉଥିବା ତକିଆକୁ ନିଜ ଟିମ୍ ସଦସ୍ୟଙ୍କୁ ବାଜିବାଠାରୁ ଅଟକାନ୍ତି। ଆଉ ନିଜକୁ ବି ତକିଆ ବାଜିବାଠାରୁ ନିବୃତ ରଖିବାକୁ ଚେଷ୍ଟା କରନ୍ତି। କାରଣ କ୍ୟାପ୍ଟେନ୍‌ଙ୍କୁ ତକିଆ ବାଜିଲେ ସେ ଆଉଟ୍ ହୋଇଯିବେ। ଆଉ ସେ ଆଉଟ୍ ହେଲେ ପୁରା ଟିମ୍ ଆଉଟ୍ ହେଇଯିବେ। ବେଶ୍ ମଜାଦାର ଏହି ପ୍ରତିଯୋଗିତା। ତେଣୁ ଏହାର ଲୋକପ୍ରିୟତା ବଢିବାରେ ଲାଗିଛି।







## କାର୍ଟୁନ କର୍ନର



## ଶ୍ରୀମାନ୍ ସର୍ବଗିଳା

# କଥାରେ ଦମ୍ ଅଛି




ସୁଲୁସୁଲିଆ ବାବୁ ଓରଫ ସୁଲକ୍ଷଣ ସାର୍‌ଙ୍କର ଗୋଟେ ବିଶେଷ ଗୁଣହେଲା ଭାଷଣ ଦେବା। ଏଇ ଭାଷଣ ପାଇଁ ଭାରି ପ୍ରସିଦ୍ଧ ଖଣ୍ଡମଣ୍ଡଳରେ – ଆମ ଅଞ୍ଚଳରେ । କେଉଁଠି ସଭାସମିତି ହେଉ, ପୂଜାପାର୍ବଣ ଅବା ଉଦ୍‌ଘାଟନର କାର୍ଯ୍ୟକ୍ରମ ହେଉ, ଉଦ୍‌ଯୋଗୀଙ୍କୁ ମୋଟା ରକମର ଦାନ ଦେଇ ପୁଣ୍ୟଅର୍ଜନର ଅସଲ ଉଦ୍ଦେଶ୍ୟ, ମଞ୍ଚରେ ସମ୍ମାନିତ ବକ୍ତା ଭାବରେ ବସେଇ ତାଙ୍କ କହିବା ପଣିଆକୁ ଉତ୍ସାହିତ କରିବା ।

ସେଦିନ ଧଣ୍ଡପଡ଼ା ଗାଁର ନୂଆ ହୁଙ୍କାପିଟା କ୍ଲବ ଅଗଷ୍ଟ ପନ୍ଦର ଦିନ ଉଦ୍‌ଘାଟନ କରିବାକୁ ଆସି ଭାଷଣ ଦେଉଦେଉ ଯାହା କହିଲେ, ଆଚ୍ଛା ଆଚ୍ଛା ବିଜ୍ଞ, ବିଶେଷଜ୍ଞଙ୍କୁ ଅଜ୍ଞ ବନେଇଦେଲେ । ସୁଲୁସୁଲିଆ ବାବୁଙ୍କ ଶିକ୍ଷାଗତ ଯୋଗ୍ୟତା ମାଇନସ୍ ଷଷ୍ଠଶ୍ରେଣୀ ହେଲେ ବି ଯେବେଠୁ ରାଜନୀତି କରିବାର ଉତ୍କଣ୍ଠା ଜାଗିଲା, ନେତୃତ୍ୱ ନେଇ କାର୍ଯ୍ୟ ତୁଲେଇବାର ମୂଳମନ୍ତ୍ର ସ୍ୱରୂପ 'ଭାଷଣ ଦେବା' ଶକ୍ତି ଅର୍ଜନ କରନ୍ତି ତ କେଉଁଠି କେଉଁଠି ଅର୍ଥ ବର୍ଜନ ମାନେ ଆଗ ଦାନ କରି ବକ୍ତାପଦରେ ଅଧିଷ୍ଠିତ ହୁଅନ୍ତି। 'ଭାଷଣ ଗୁରୁ' ସାଲୁଣ୍ଡାକୁ ବି ସଂଗରେ ନେବାକୁ ଭୁଲନ୍ତି ନାହିଁ। ସାଲୁଣ୍ଡା ଅବଶ୍ୟ ପାରିଶ୍ରମିକ ବାବଦରେ ସୁଲୁସୁଲିଆ ବାବୁଙ୍କଠୁ ଭଲ ରକମ ପାଇ ପକେଟ ଗରମ କରନ୍ତି।

ଦଣ୍ଡପଡ଼ାରେ ଅଗଷ୍ଟପନ୍ଦର ଜାତୀୟ ପର୍ବ ପାଳନ ସାଙ୍ଗକୁ ପତାକା ଉତ୍ତୋଳନ ସହିତ ହୁଙ୍କାପିଟା କ୍ଲବଘର ଉଦ୍‌ଘାଟନ ହେବ। ତା' ସହିତ ବାବୁଙ୍କ ହାତରୁ ଯୋଗ୍ୟାଧିକାରୀ ବିଭିନ୍ନ ପ୍ରତିଯୋଗିତାରେ ସଫଳତା ଲାଭକରିଥିବା ଯୁବଗୋଷ୍ଠୀ ପୁରସ୍କାର ଗ୍ରହଣ କରିବେ। ଆଃ କି ଖୁସି !

ବାବୁ ଭାଷଣ ଆରମ୍ଭ କରିବା ଆଗରୁ ପତାକା ଉତ୍ତୋଳନ ଓଲଟା କରି ଅଳ୍ପ ହଟହଟା ହେଲେ ସିନା, କିନ୍ତୁ ଜାତୀୟ ସଂଗୀତ ପ୍ରଥମ ପଦରୁ ସିଧା ଶେଷ ପଦରେ ପହଞ୍ଚିଗଲେ । ଶ୍ରୋତା କାବାହେଇ ଅନେଇଛନ୍ତି । ଗୁରୁ ସାଲୁଣ୍ଡା ଚଳେଇଦେଇ କହିଲେ, ସମୟର ସ୍ୱଳ୍ପତା ଦୃଷ୍ଟିରୁ ଆମ ସାର୍ ସମସ୍ତ କାର୍ଯ୍ୟକ୍ରମ ସାରିବା ନିମନ୍ତେ ସୁବର୍ଣ୍ଣ ସୁଯୋଗ ଦେଇଛନ୍ତି, ମାର ତାଳି।

ଏଥର ବାବୁଙ୍କ ଭାଷଣ ଆରମ୍ଭ ହେଲା। ଗଳା ଝାଡ଼ି କହିଲେ – ''ଆମ ଦେଶକୁ ଇଂରେଜମାନେ ବହୁବର୍ଷ ଶାସନ କଲେ। ଅଗଷ୍ଟ ପନ୍ଦରରେ ଭାରତ ଛାଡ଼ି ଚାଲିଗଲେ ସିନା ଆମକୁ ଇଂଲିଶ ଭାଷା ଶିଖେଇ ଆମଙ୍କୁ ମେଣ୍ଢା ଲାଙ୍ଗୁଡ଼ ଧରେଇ ଚାଲିଗଲେ। ମାତୃଭାଷା ଭୁଲିଯାଉଛୁ''...।

ଗୁରୁ କାନ ପାଖରେ କହିଲେ, ''ଆଜ୍ଞା ! ମେଣ୍ଢା ଲାଙ୍ଗୁଡ଼ ନୁହେଁ, ସେଇଟା ଭାଲୁ ଲାଙ୍ଗୁଡ଼ । ସୁଲୁସୁଲିଆ ବାବୁ ରାଗି କହିଲେ ଓହୋ.. ଏକା କଥା, କାହିଁକି ପଶୁଭିତରେ ବିଭେଦ ସୃଷ୍ଟି କରୁଛ ? ମେଣ୍ଢା ଯିଏ– ଭାଲୁ ବି ସିଏ। ଉଭୟଙ୍କର ଗୋଡ଼ ଚାରିଟା, ଉଭୟେ ଦେଖିବାକୁ ବାଲୁଆ। ଉଭୟେ ପଶୁ, ଉଭୟଙ୍କର ଲାଙ୍ଗୁଡ଼ ଅଛି ନା !

ସଂଗେ ସଂଗେ ସାଲୁଣ୍ଡା ବାବୁ କଥା ଚଳେଇ କହିଲେ, ''ଆମ ସାର୍‌ଙ୍କ କଥାରେ ଦମ୍ ଅଛି।'' ସାର୍ ଆଗକୁ ଚାଲନ୍ତୁ।

ବାବୁ ଆରମ୍ଭ କଲେ, ''ବନ୍ଧୁଗଣ ! ଆପଣମାନେ ଜାଣନ୍ତି, ଗାନ୍ଧୀଙ୍କର ସ୍ୱପ୍ନ ସ୍ୱେରେଜ୍ ଆନ୍ଦୋଳନ, ତାହା ଏବେ ସଫଳ ହେବାକୁ ଯାଉଛି।

ସହରରେ ସ୍ୱେରେଜ୍ ସରିଲେ ଗାଁ ଗାଁକୁ ପଶିବ।

– ସାର୍ ସେଇଟା ସ୍ୱରାଜ ଆନ୍ଦୋଳନ।

– ଓହୋ, ସେ ସ୍ୱେରେଜ ହେଉ କି ସ୍ୱରାଜ। ସବୁ ଆମ ଦେଶପାଇଁ ରାଜ୍ୟ ପାଇଁ ଆମରି ପାଇଁ ତ ନା।

କଥାକୁ ଚଳେଇ ଗୁରୁ ସାଲୁଣ୍ଡା କହିଲେ – ''ଆମ ସାର୍‌ଙ୍କ କଥାରେ ଦମ୍ ଅଛି।''

ଏଥର ସୁଲୁସୁଲିଆ ବାବୁ ଆରମ୍ଭ କଲେ, ଆଜି ସଂକଳ୍ପ ନେବା ଆମେ ମାତୃଭାଷାରେ ଲେଖିବା, ପଢ଼ିବା, କଥା କହିବା। ଇଂରେଜ ଭାଷାଠାରୁ ଆମ ଭାଷା ଭଲ, ଆପଣମାନେ ଜାଣନ୍ତି ଓଡ଼ିଆ ଭାଷାରେ ଭାଗବତ ରଚନା କରି ଭକ୍ତ ବଳରାମ ଦାସ ଅମର ହୋଇଛନ୍ତି।

– ଗୁରୁ ସାଲୁଣ୍ଡା ପୁଣି କହିଲେ, ସାର୍ ! ଭକ୍ତ ବଳରାମ ଦାସ ନୁହନ୍ତି ଜଗନ୍ନାଥ ଦାସ ଲେଖିଛନ୍ତି।

– ଧେତ୍, ତମେ କାହିଁକି ଭକ୍ତମାନଙ୍କ ଭିତରେ ପ୍ରଭେଦ ସୃଷ୍ଟି କରୁଛ ? ଆରେ ବାବୁ ଉଭୟେ ତ ଭକ୍ତ, ଉଭୟଙ୍କର ନାମ ଚାରିଅକ୍ଷର, ଉଭୟେ ପୁରାଣ ଲେଖିଛନ୍ତି, ଉଭୟେ ଜଗନ୍ନାଥଙ୍କୁ ଡାକନ୍ତି, ତେବେ ବଳରାମ ଓ ଜଗନ୍ନାଥଙ୍କ ଭିତରେ ଫରକ କ'ଣ କହିଲ ? ହଉ ଏଥର ସମସ୍ତେ ମନ ଧ୍ୟାନ ଦେଇ ଶୁଣ, ଓଡ଼ିଆ ଭାଷା ନିର୍ଭୁଲ ଭାବରେ ପଢ଼ିବା ଲେଖିବା ପାଇଁ ବର୍ଣ୍ଣବୋଧ ବହି ଗୋପବନ୍ଧୁ ଲେଖିଥିଲେ।

– ସାର୍ ! ଗୋପବନ୍ଧୁ ଦାସ ନୁହଁ, ମଧୁସୂଦନ ରାଓ ଲେଖିଥିଲେ।

ସୁଲୁସୁଲିଆ ବାବୁ କହିଲେ ପୁଣି ବିଭେଦ ସୃଷ୍ଟି ? ଆହେ ବନ୍ଧୁ ! ଯିଏ ଗୋପବନ୍ଧୁ ମାନେ ଗୋପବାସୀଙ୍କ ବନ୍ଧୁ ସେଇ ହିଁ ମଧୁସୂଦନ । ସେଇ ଏକା ମହାପ୍ରଭୁ, ଉଭୟେ ତ ଓଡ଼ିଆ। ଉଭୟେ ଆମ ପରି ସମାଜସେବୀ। ଉଭୟଙ୍କ ନାମ ଗୁଣ ଏକ୍। ଆମେ ସମସ୍ତେ ଏକ୍। ଏକ୍ ଉତ୍କଳମାତାର ସନ୍ତାନ।

– ସାଲୁଣ୍ଡା କହିଲେ– ''ହେ ଶ୍ରୋତା ବନ୍ଧୁ ! ଆପଣ ଦେଖୁଛନ୍ତି, ଆମ ସାର୍‌ଙ୍କ କଥାରେ କେତେ ଦମ୍ ଅଛି ?

ଶ୍ରୋତାମାନେ ଗର୍ଜନ କରି କହିଲେ ଆମର ବି ଦମ୍ ଅଛି। ଆମେ ଖାଲି ଶୁଣୁନା । କାମରେ ଦେଖାଉ । ହେଇ ଦେଖନ୍ତୁ ନେତା । ଆମେ କେମିତି କାମରେ କରି ଦେଖେଇବୁ। ତମ ଉପରକୁ ଫିଙ୍ଗୁଛୁ ଜୋତା।

ସୁଲୁସୁଲିଆ ବାବୁ କହିଲେ, ''ବନ୍ଧୁଗଣ ! ମୁଁ ଖୁସି, ଆପଣଙ୍କର ତ୍ୟାଗ ଦେଖି । ଲୋଭ ମୋହ ନାହିଁ । ହେଲେ ପଟେ ଜୋତା ନ ଫିଙ୍ଗି ଦି'ପଟ ଲେଖା ମଞ୍ଚକୁ ଫିଙ୍ଗନ୍ତୁ। ଯା'ଦ୍ୱାରା କାମରେ ଲାଗିବ। ଏଇଠି ମଧୁସୂଦନଙ୍କ ସ୍ୱପ୍ନ ସାକାର ହେବ। ସିଏ ଉତ୍କଳ ଟ୍ୟାନେରୀ ଜୋତା କାରଖାନା ସିନା ନ କରି ବନ୍ଦ କଲେ, ମୁଁ ତାଙ୍କ ସ୍ୱପ୍ନ ସାର୍ଥକ କରି ଡାଇରେକ୍ଟ ଜୋତା ଦୋକାନ ଆପଣଙ୍କ ଦାନରେ ଖୋଲିବି।

ଯିଏ ଜୁଆଡ଼େ ଚାଲିଗଲା ପରେ ସୁଲୁସୁଲିଆ ବାବୁ ଓ ତାଙ୍କ ଭାଷଣ ଗୁରୁ ସାଲୁଣ୍ଡା ବସି ଜୋତାର ବାମ ଡାହାଣ ମିଳଉଥିଲେ...।।

ମଙ୍ଗରାଜପୁର, ବୀରହରେକୃଷ୍ଣପୁର, ପୁରୀ–୭୫୨୦୦୨
ମୋ : ୭୦୦୮୧୮୮୪୭

## ପୁସ୍ତକ ସମୀକ୍ଷା

### ବୃକ୍ଷ ଲତାର ଔଷଧୀୟ ଗୁଣ(୧ ମ ଭାଗ)

ଡାକ୍ତର ସ୍ୱପ୍ନେଶ୍ୱର ପଣ୍ଡା
ପ୍ରକାଶିକା– ନମିତା ପଣ୍ଡା, ଗୋବିନ୍ଦପୁର, କଟକ
ମୂଲ୍ୟ– ୩୦ ଟଙ୍କା

ବୃକ୍ଷଲତାର ଔଷଧୀୟ ଗୁଣ(୧ମ ଭାଗ)ର ଲେଖକ ବିଶିଷ୍ଟ ଆୟୁର୍ବେଦାଚାର୍ଯ୍ୟ ଡାକ୍ତର ସ୍ୱପ୍ନେଶ୍ୱର ପଣ୍ଡା। ସେ ଏଥିରେ ଥଣ୍ଡା, ଜ୍ୱର, କାଶ, କଫ, ସର୍ଦ୍ଦି, ମୁଣ୍ଡବିନ୍ଧା, ଅଣ୍ଟାଧରା, ଗୋଡହାତ ବିନ୍ଧା ଓ ଦରଜ ଆଦି ବିଭିନ୍ନ ପ୍ରକାର ରୋଗ ପାଇଁ ବୃକ୍ଷ ଲତାକୁ ଆମେ କିପରି ରୋଗ ଉପଶମ ପାଇଁ ତାକୁ କାର୍ଯ୍ୟରେ ଲଗାଇ ପାରିବା ସେ ବିଷୟରେ ଚମତ୍କର ଭାବେ ବର୍ଣ୍ଣନା କରିଛନ୍ତି। ଉକ୍ତ ପୁସ୍ତକକୁ ସାଧାରଣ ଲୋକ କିଣି ପାରିବ ଓ ବାଡିରେ ଥିବା ଅନେକ ଦରକାରୀ ବୃକ୍ଷର ଚେର ପତ୍ରକୁ





କିପରି ଶରୀର ଲାଗି କାର୍ଯ୍ୟରେ ଲଗାଇ ପାରିବା ସେ ସମ୍ପର୍କରେ ଡାକ୍ତର ପଣ୍ଡା ପ୍ରାଞ୍ଜଳ ଭାବରେ ବୁଝାଇଛନ୍ତି। ଆଦିବାସୀମାନେ ବର୍ତ୍ତମାନ ସମୟରେ ମଧ ଚେର ମୂଳି ବ୍ୟବହାର କରି ଆରୋଗ୍ୟ ଲାଭ କରୁଛନ୍ତି। ଉଦ୍ଭିଦକୁ ସଂଗ୍ରହ କରିବାର ସମୟ, ପଦ୍ଧତି ଯଥା, କଅଁଳ ପତ୍ର ବା ପାକଳ ପତ୍ର, ଫୁଲଫୁଟିବା କିମ୍ବା ତାର ପରବର୍ତ୍ତୀ ଅବସ୍ଥା, କେଉଁ ଋତୁରେ ସଂଗ୍ରହ କରିବାକୁ ହେବ ସେ ବିଷୟରେ ଡାକ୍ତର ପଣ୍ଡା ଅତି ସୁନ୍ଦର ଭାବେ ବର୍ଣ୍ଣନା କରିଛନ୍ତି। ପ୍ରତ୍ୟେକ ବ୍ୟକ୍ତି ବୃକ୍ଷ ଲତା ରୋପଣ କରି ତାର ଔଷଧୀୟ ଗୁଣ ଜାଣିବା ଉପରେ ଗୁରୁତ୍ୱ ଦେଇଛନ୍ତି। ବହିଟି ସମସ୍ତଙ୍କ ପାଇଁ ନିଶ୍ଚୟ ଉପଯୋଗୀ ହେବ।

### ମହାପ୍ରଭୁଙ୍କ ଦିଗପହଣ୍ଡି

ଲେଖକ– ଡ.ଧ୍ରୁବ ଚରଣ ନାୟକ
ପ୍ରକାଶକ–ଇଂ. ପ୍ରିୟବ୍ରତ ନାୟକ, ଭୁବନେଶ୍ୱର
ମୂଲ୍ୟ–୬୦୦ ଟଙ୍କା

ଡ. ଧ୍ରୁବ ଚରଣ ନାୟକ ମହାପ୍ରଭୁଙ୍କ ଦିଗପହଣ୍ଡି ପୁସ୍ତକ ରଚନା କରିଛନ୍ତି। ସେ ଜଗନ୍ନାଥଙ୍କ ଉପରେ ଏଥିରେ ବିସ୍ତୃତ ଭାବେ ବିଭିନ୍ନ କଥା ଆଲୋଚନା କରିଛନ୍ତି। ମନୁଷ୍ୟ ତା'ର ବିଶ୍ୱାସକୁ ଆଧାର କରି କିପରି ଭଗବାନଙ୍କ ନାମରେ ମନସ୍ତାତ୍ତ୍ୱିକ ଅଭିପ୍ସାକୁ ପୂରଣ କରିଥାଏ ତାହାକୁ ନିଚ୍ଛକ ଭାବେ ବିଶ୍ଳେଷଣ କରିଛନ୍ତି ଡ. ନାୟକ। ବହୁ ପ୍ରାଚୀନ ସଭ୍ୟତାର ପ୍ରଚ୍ଛଦପଟ୍ଟରେ




ମନୁଷ୍ୟର ଭଗବତ୍ ଅନୁସନ୍ଧିତ୍ସା ତାଙ୍କୁ ତାଙ୍କର ଅଗ୍ରଗତି ପଥର ସାରଥି ବନାଇଛି। ବହୁ ଅଧ୍ୟବସାୟ କରି ଲେଖକ ପ୍ରତି ପଦେ ପଦେ ସଭ୍ୟତା ଓ ସଂସ୍କୃତିକୁ ନିବିଡ଼ ଭାବେ ଅଧ୍ୟୟନ କରି ସେଥିରେ ନିଜର ମୁକ୍ତ ବିଚାରକୁ ଗଢ଼ି ତୋଳିବା ପାଇଁ ଆନ୍ତରିକ ଉଦ୍ୟମ କରିଛନ୍ତି। ବିଭିନ୍ନ ଧର୍ମ ସେମାନଙ୍କର ଧର୍ମପୀଠ, ଆଧ୍ୟାତ୍ମିକ ବିଚାର, ଭଗବତ୍ ଉପାସନାର ଆଧାର ଗ୍ରନ୍ଥଗୁଡ଼ିକ ସମ୍ବନ୍ଧରେ ଅନୁଶୀଳନ କରି ସମଗ୍ର ମନୁଷ୍ୟ ସମାଜ ବିଶେଷ କରି ଉତ୍କଳୀୟ ଜିଜ୍ଞାସୁମାନଙ୍କ ପାଇଁ ଏକ ଧାର୍ମିକ ଦିଗ୍‌ବଳୟର ପ୍ରଶସ୍ତ ପୃଷ୍ଠଭୂମି ନିର୍ମାଣ କରିବାକୁ ସକ୍ଷମ ହୋଇଛନ୍ତି। ଅତି ଗହନ ସୂକ୍ଷ୍ମ ସୃଷ୍ଟି ତତ୍ତ୍ୱର ଅନୁସନ୍ଧାନରେ ନିଜକୁ ଓତଃପ୍ରୋତ କରିସାରିଲା ପରେ ତା'ର ଅସ୍ଥିମଜ୍ଜା ସହିତ ଅନ୍ତରଙ୍ଗ ହୋଇ ତାଙ୍କ ଜିଜ୍ଞାସୁ ମନ ପହଞ୍ଚି ଯାଇଛି ସର୍ବନିୟନ୍ତା, ସର୍ବଜନାର୍ଚ୍ଚିତ, ସର୍ବାଶ୍ରେୟଦାତା ଓ ପତିତତାରକଙ୍କ ପାଖରେ। ଆଶା ଓ ବିଶ୍ୱାସ ଏ ପୁସ୍ତକ ନିଶ୍ଚୟ ପାଠକାଦୃତି ଲାଭ କରିବ।




# ରୋବୋ ଚଢେଇ






ଜର୍ମାନୀର ଅଟୋମେଶନ୍ କମ୍ପାନୀ ଫେଷ୍ଟୋ ତିଆରି କରିଛି ଲାଇଟ୍ ୱେଟ୍‌ର କିଛି ରୋବୋ, ଯାହାକି ଅବିକଳ ଚଢେଇ ପରି ଉଡିପାରେ। ପୂର୍ବରୁ ଏହି କମ୍ପାନୀ ରୋବୋ ପିମ୍ପୁଡି, ରୋବୋ ପ୍ରଜାପତି, ରୋବୋ ପେଙ୍ଗୁଇନ୍, ଜେଲିଫିଶ୍ ଏବଂ କଙ୍ଗାରୁ ତିଆରି କରିଛି। ଏହି ରୋବୋ ଚଢେଇଟି ଅବିକଳ ସ୍ୱିଫ୍ଟ ନାମକ ଏକ ଚଢେଇ ଭଳି। ସତସତିକା ଚଢେଇ ପରି ଉଡିବା ପାଇଁ ରୋବୋ ଚଢେଇକୁ ବହୁତ ହାଲ୍‌କା ତିଆରି କରାଯାଇଛି। ଏହାର ଓଜନ ମାତ୍ର ୪୨ ଗ୍ରାମ୍‌ର ଅଟେ। ଏହାର ଲମ୍ବ ୧୭.୫ ଇଞ୍ଚ ଓ ଡେଣା ୨୭ ଇଞ୍ଚ ଲମ୍ବା ଅଟେ। ଡେଣା ହାଲ୍‌କା ଫୋମ୍‌ରେ ତିଆରି। ଏଥିରେ ବ୍ରଶ୍‌ଲେସ୍ ମୋଟର, ଦୁଇଟି ସର୍ଭୋ ମୋଟର, ଏକ ବ୍ୟାଟେରୀ, ଏକ ଗିୟର ୟୁନିଟ୍ ଏବଂ ରେଡିଓ, କଣ୍ଟ୍ରୋଲ ଓ ଲୋକାଲାଇଜେସନ୍ ପାଇଁ ଅନେକ ସର୍କିଟ ବୋର୍ଡ ରହିଛି। ଏଥିରେ ଥିବା ରେଡିଓ ବେସ୍‌ଡ ଇନ୍‌ଡୋର୍ ଜିପିଏସ୍ ସିଷ୍ଟମ ଯୋଗୁ ରୋବୋ ଗୁଡିକର ସ୍ଥାନ ସମ୍ବନ୍ଧୀୟ ଜ୍ଞାନ ରହିଥାଏ। ଆଉ ଏଗୁଡିକ କୋ-ଅର୍ଡିନେଟେଡ୍ ପ୍ୟାଟର୍ନରେ ଉଡିପାରନ୍ତି। ଏହି ରୋବୋଗୁଡିକରେ ରେଡିଓ ମାର୍କର ବି ଥାଏ, ଯାହାଦ୍ୱାରା ବେସ୍‌କୁ ସିଗ୍‌ନାଲ ପଠାଇ ହୁଏ। ତେଣୁ ଏମାନଙ୍କର ସଠିକ୍ ଲୋକେସନ୍ ଜାଣିହୁଏ ଏବଂ ସେମାନଙ୍କୁ ପ୍ରି-ପ୍ରୋଗ୍ରାମ୍‌ଡ ପାଥ୍‌ରେ ଉଡିବା ପାଇଁ ନିର୍ଦ୍ଦେଶ ଦେଇହୁଏ।



ବ୍ୟାକ୍ ପେଜ୍

## ସବୁଠୁ ବଡ଼ ହାଙ୍ଗିଂ ଫ୍ଲାୱାର ବାସ୍କେଟ୍



ଆଜିକାଲି ହାଙ୍ଗିଂ ଫ୍ଲାୱାର ବାସ୍କେଟ୍‌ର ଚାହିଦା ବଢିବାରେ ଲାଗିଛି। ସୁନ୍ଦର ଡେକୋରେଟିଭ୍ ପ୍ଲାଣ୍ଟକୁ ଛୋଟ ଛୋଟ ହାଙ୍ଗିଂ ଫ୍ଲାୱାର ବାସ୍କେଟ୍‌ରେ ଲଗାଇ ଝୁଲାଇଲେ ଘରର ଶୋଭା ଦ୍ୱିଗୁଣିତ ହୋଇଥାଏ। ତେବେ ଜାଣନ୍ତିକି ଏକ ହାଙ୍ଗିଂ ଫ୍ଲାୱାର୍ ବାସ୍କେଟ୍ ଗିନିଜ୍ ୱାର୍ଲଡ୍ ରେକର୍ଡସ୍‌ରେ ସ୍ଥାନ ପାଇଛି। କାରଣ ତାହା ହେଉଛି ପୃଥିବୀର ସବୁଠାରୁ ବଡ ହାଙ୍ଗିଂ ଫ୍ଲାୱାର ବାସ୍କେଟ୍। ୨୫ କି.ଗ୍ରା. ଓଜନ ବିଶିଷ୍ଟ ଏହି ଫ୍ଲାୱାର୍ ବାସ୍କେଟ୍‌ର ଢାଞ୍ଚା ୨୦ ଫୁଟ୍ x ୧୦ ଫୁଟ୍‌ର ଅଟେ। ଏହାକୁ ଡିଜାଇନର୍, ଇଞ୍ଜିନିୟର୍ ଏବଂ ଗାର୍ଡେନର୍‌ଙ୍କର ଏକ ଟିମ୍ ମିଶି ୩ ସପ୍ତାହରେ ତିଆରି କରିଛନ୍ତି। ସେଥିରେ ୧୦୦ ପ୍ରକାରର ଋତୁକାଳୀନ ପ୍ଲାଣ୍ଟ ଓ ଫୁଲ ଲଗାଯାଇଛି। ଲଣ୍ଡନର ହୋଟେଲ 'ଇଣ୍ଡିଗୋ ଲଣ୍ଡନ ପାଡିଂଟନ୍'ର ଓପନିଂ ଅବସରେ ଏହାକୁ ତିଆରି କରାଯାଇଥିଲା। ଭୂମିଠାରୁ ୨୫ ଫୁଟ୍ ଉଚ୍ଚତାରେ ହୋଟେଲ୍‌ର କାନ୍ଥରେ ଏହାକୁ ଝୁଲାଯାଇଛି।



## କୁନି କୁକ୍ ମାଷ୍ଟର: ୫୮ ମିନିଟ୍‌ରେ ୪୮ ଡିସ୍

ଏକ ଘଣ୍ଟା ଭିତରେ ଜଣେ କେତେ ପ୍ରକାରର ଡିସ୍ ବା ଖାଦ୍ୟ ପ୍ରସ୍ତୁତ କରିପାରିବେ? ଅତିବେଶିରେ ୪-୫ ପ୍ରକାରର ଡିସ୍। ହେଲେ ତାମିଲ ନାଡୁର ଜଣେ ୯ ବର୍ଷର କୁନି ଝିଅ ଏକଘଣ୍ଟାରୁ କମ୍ ସମୟରେ ଅର୍ଥାତ୍ ମାତ୍ର ୫୮ ମିନିଟ୍‌ରେ ୪୮ ପ୍ରକାରର ଡିସ୍ ତିଆରି କରି ୱାର୍ଲଡ ରେକର୍ଡ କରିପାରିଛନ୍ତି। ଏହି କୁନି ଝିଅର ନାଁ ହେଉଛି ଏସ୍ ଏନ୍ ଲକ୍ଷ୍ମୀ ସାଇ ଶ୍ରୀ। ଲକ୍ ଡାଉନ୍ ସମୟରେ ଲକ୍ଷ୍ମୀ ସାଇଶ୍ରୀଙ୍କର ରୋଷେଇ ପ୍ରତି ରୁଚି ଆସିଥିଲା। ଏଥିରେ ତାଙ୍କ ମା' ସହଯୋଗ କରିଥିଲେ। ଆଉ ବିଭିନ୍ନ ପ୍ରକାରର ଡିସ୍ ପ୍ରସ୍ତୁତି ପ୍ରଣାଳୀ ଶିଖାଇଥିଲେ। ସାଇଶ୍ରୀଙ୍କ ମା' ଯେବେ ଝିଅର ଏହି ରୁଚି ସମ୍ପର୍କରେ ସ୍ୱାମୀଙ୍କୁ ଜଣାଇଲେ ସେ କହିଲେ ଏହି ରୁଚିକୁ ନେଇ ରେକର୍ଡ କରିହେବ। କାରଣ ପୂର୍ବରୁ କେରଳର ସାନ୍‌ଭୀ ଏମ୍ ପ୍ରଜିତ୍ ନାମ୍ନୀ ୧୦ ବର୍ଷର ଝିଅ ୧ ଘଣ୍ଟାରେ ୩୦ଟି ଡିସ୍ ପ୍ରସ୍ତୁତ କରି ରେକର୍ଡ କରିଛନ୍ତି। ଏହା ଶୁଣିବା ପରେ ସାଇଶ୍ରୀ ସେହି ରେକର୍ଡ ଭାଙ୍ଗିବା ଲାଗି ମା'ଙ୍କଠାରୁ ରୋଷେଇ ଶିକ୍ଷା ଜୋର୍ ସୋର୍ ନେବାକୁ ଲାଗିଲେ। ଆଉ କେମିତି କମ୍ ସମୟରେ ଅଧିକ ପ୍ରକାରର ରୋଷେଇ କରିପାରିବେ ଚେଷ୍ଟା କଲେ। ଶେଷରେ ସେ ୱାର୍ଲଡ ରେକର୍ଡ କରିବାରେ ସଫଳ ହେଲେ।

